ମାନବିକ ଅଧିକାର ସମ୍ବନ୍ଧୀୟ ନାଗରିକ ସଙ୍ଗଠନ / ସିଭିଲ ସୋସାଇଟି ଫୋରମ ଅନ୍ ହ୍ୟୁମାନ୍ ରାଇଟସ୍ ଆନୁକୂଲ୍ୟରେ .....

# ବିଷୟସୂଚୀ

## ୧.ମହିଳାମାନଙ୍କ ଉପରେ ହିଂସା

- ଦଳିତ ମହିଳାଙ୍କୁ ଗଣଦୁଷ୍କର୍ମ ପରେ ହତ୍ୟା, ବ୍ଲକ ଅଫିସ ପରିସରରୁ ମିଳିଲା ଉଲଗ୍ନ ମୃତ ଦେହ.
- ଅପହରଣ ପରେ ମହିଳାଙ୍କ ଦୁଷ୍କର୍ମ ଅଭିଯୋଗ .
- ଅପହରଣ ଉଦ୍ୟମ, ଚଲନ୍ତା କାରରୁ ଡେଇଁ ମହିଳା ଗୁରୁତର.
- ଭଦ୍ରକର ମହିଳା ବାଲୁଗାଁ ଷ୍ଟେସନରୁ ଉଦ୍ଧାର, ଦିଅରର ଦୁଷ୍କର୍ମ ଅଭିଯୋଗ.
- ବିଧବାଙ୍କୁ ଗଣଦୁଷ୍କର୍ମ, ୭ ଅଟକ.
- ଆସନ୍ନ ପ୍ରସବାଙ୍କୁ ଡାକ୍ତରଖାନାରୁ ତଡିଦେଲେ.
- ୧୭ ବର୍ଷ ପରେ କଡଲେଉଟାଇଲା କେଶ୍ .କୋର୍ଟରେ ହାଜର ହେଲେ ପିଡିତା.
- ଡକାୟତି ପରେ ମହିଳାଙ୍କୁ ଗଣ ଦୁଷ୍କର୍ମ.

## ୨. ଶିଶୁମାନଙ୍କ ଅଧିକାର ଉପରେ ହିଂସା.

- ୨ ସନ୍ତାନଙ୍କୁ ବିଷ ପିଆଇ ମା ର ଆତ୍ମହତ୍ୟା..
- କଳ୍ପତରୁ ଆଶ୍ରମରେ ଅଘଟଣ, ଜଣେ ଛାତ୍ର ମୃତ ଓ ୨ ଜଣ ଗୁରୁତର. .
- ଆନ୍ଧ୍ର ଚାଲାଣ ବେଳେ ୪ ନାବାଳିକା ଷ୍ଟେସନରୁ ଉଦ୍ଧାର, ଦଲାଲ ଗିରଫ .
- ଅବାସିକ ବିଦ୍ୟାଳୟରେ ଛାତ୍ରଙ୍କୁ ଯୌନ ନିର୍ଯ୍ୟାତନା ଅଭିଯୋଗ .
- ପଥର ଫଟାରେ ବିତୁଛି ଶୈଶବ.
- ଆଠ ଘଂଟା ପରେ ଚିକିତ୍ସା ପାଇଥିଲେ, ବଡମେଡିକାଲରେ ଆଖିବୁଜିଲେ ତରିନୁ

## ୩. ହାଜତରେ ମୃତ୍ୟୁ/ପୋଲିସର ଅତ୍ୟାଚାର.

- ପୁଲିସ ରୋଷର ଶିକାର,୬ ଶିଶୁଙ୍କ ସହ ୧୪ ମହିଳା ୨୪ ଘଂଟା ଅଟକ.
- ହାଜତରେ ମୃତ୍ୟୁ, ଲୋକେ ଥାନା ଜାଳିଦେଲେ.
- ଦୁଇ ଯୁବକଙ୍କୁ ନିଶାଶକ୍ତ ଫରେଷ୍ଟଗାର୍ଡଙ୍କ ନିସ୍ତୁକ ମାଡ.
- ପୁନିଆଙ୍କ ଗସ୍ତ ପୁର୍ବରୁ ଲାଠୋର କ୍ୟାମ୍ପରେ ଉତେଜନା, ଦଳିତଙ୍କୁ ପୁଲିସର ମାଡ.

## ୪. ବିକାଶ ପାଇଁ ବିନାଶ.

- ନିୟମଗିରି ରାୟ, ଦ୍ୱନ୍ଦରେ ସରକାର
- ପାଟଣାରେ ପୋସ୍କୋ ବିରୋଧୀଙ୍କ ସମାବେଶ.
- ପୋସ୍କୋ ପକଳ୍ପ ବାତିଲ ଦାବିରେ ଗଣଧାରଣା.
- ପୋସ୍କୋ, ଏପଟେ ଅଧିଗ୍ରହଣ, ସେପଟେ ଗର୍ଜନ.
- ନିୟମଗିରି ରାୟ, ଅଧିକ ସମୟ ମାଗିବେ ରାଜ୍ୟ ସରକାର.
- ଆଠ ବର୍ଷ ହେଲା ଛୁଇଁ ନାହାନ୍ତି ଅକ୍ଷିମୁଠି, ଚାଷୀଙ୍କ ଜମିରେ କମ୍ପାନୀ ହାକିମ.

## ୫. ଦଳିତ ଓ ଆଦିବାସୀ ମାନଙ୍କ ଉପରେ ହିଂସା.

- ଭିଟାମାଟିରୁ ବିତାଡିତ ଦଳିତ ପରିବାର, ଶେଷ ଆଶା ମାନବଧିକାର କମିଶନ.
- ଆଦିବାସୀ ଯୁବତୀଙ୍କୁ ଅପହରଣ ଉଦ୍ୟମ.
- ରାଜପଥ ଅବରୋଧ କଲେ ଆଦିବାସୀ.
- ମଣିଷ ସଫାରୀ ମାମଲା, କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଷ.

## ୬. କମିଶନଙ୍କ ସମ୍ପର୍କିତ ଖବର.

- ଡାହାଣି ସନ୍ଦେହରେ ମହିଳା ଓ ପୁରୁଷଙ୍କୁ ଉଲଗ୍ନ କରି ବୁଲାଇବା ଘଟଣା, ତଦନ୍ତ କଲେ ଜାତୀୟ ମହିଳା କମିଶନ ପ୍ରତିନିଧି ଦଳ.
- ଗୋଡି ପ୍ରଥାରୁ ୧୭ ବାରିକ ମୁକ୍ତ.

## ବ୍ଲକ ଅଫିସ୍ ପରିସରରୁ ମିଳିଲା ଉଲଗ୍ନ ମୃତ ଦେହ

# ଦଳିତ ମହିଳାଙ୍କୁ ଗଣଦୁଷ୍କର୍ମ ପରେ ହତ୍ୟା!

ଢେଙ୍କାନାଳ/ଗଁଦିଆ, ୨।୫(ଇମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ୍ ଅଞ୍ଚଳରେ ମହିଳାଙ୍କ ପ୍ରତି ବୃଦ୍ଧି ପାଉଥିବା ନିର୍ଯାତନା ଘଟଣାରେ ଆଉ ଏକ କଳାଫର୍ଦ ଯୋଡ଼ି ହୋଇଛି । ଏଥର ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଜଣେ ଦଳିତ ବିଧବା ମହିଳାଙ୍କୁ ଗଣଦୁଷ୍କର୍ମ ପରେ ପଥରରେ ଛେଚି ହତ୍ୟା କରାଯାଇଛି । ଏହି ଘଟଣା ଜିଲ୍ଲାରେ ଚାଞ୍ଚଲ୍ୟ ସୃଷ୍ଟି କରିଛି । ପୁଲିସ ତନାଘନା କରି ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବାବେଳେ ମୁଖ୍ୟ ଅଭିଯୁକ୍ତ ଫେରାର ହୋଇଯାଇଛି । ସୂଚନା ଅନୁଯାୟୀ, ଗଁଦିଆ ଥାନା ଷଡ଼ଙ୍ଗୀ ଗ୍ରାମର ଲକ୍ଷ୍ମୀ ସେଠୀ (୩୨) ୧୦ ବର୍ଷ ତଳେ ବିଧାରପୁର ଗ୍ରାମର ଅଭୟ ସେଠୀଙ୍କୁ ବିବାହ କରିଥିଲେ । ବିବାହର ୪ ବର୍ଷ ପରେ ଅଭୟଙ୍କର ମୃତ୍ୟୁ ଘଟିଥିଲା । ଶାଶୂଘର ଲକ୍ଷ୍ମୀଙ୍କ ଦାୟିତ୍ୱ ନ ନେବାରୁ ସେ ବାପ ଘରେ ଆସି ରହୁଥିଲେ । ପ୍ରାୟ ୭ ମାସ ତଳେ ଲକ୍ଷ୍ମୀଙ୍କର ସାମାନ୍ୟ ମାନସିକ ବିକୃତି ଦେଖା ଦେଇଥିଲା । ସେ ବାପଘରୁ ଚାଲିଆସି ମାଗିଯାଚି ଖାଉଥିଲେ । ଗତ ୪ ମାସ ହେଲା ବ୍ଲକ୍ ଛକରେ ବୁଲାବୁଲି କରିବା ସହ ରାତିରେ ବ୍ଲକ୍ କାର୍ଯ୍ୟାଳୟରେ ଏକ ଅର୍ଧନିର୍ମିତ ଗୃହରେ ଶୋଉଥିଲେ । ଗତକାଲି ସକାଳେ ଲକ୍ଷ୍ମୀ ଉଲଗ୍ନ ଅବସ୍ଥାରେ ମରି ପଡ଼ିଥିବା ବ୍ଲକ୍ କାର୍ଯ୍ୟାଳୟର ୱାଚମ୍ୟାନ୍ ଦେଖିଥିଲେ । ଏହା ପ୍ରଚାରିତ ହେବା ମାତ୍ରେ ଘଟଣାସ୍ଥଳକୁ ଶହ ଶହ ଲୋକଙ୍କ ସୁଅ ଛୁଟିଥିଲା । ଲକ୍ଷ୍ମୀଙ୍କ ମୁଣ୍ଡକୁ ପଥରେ ଛେଚା ଯାଇଥିବା ପାରିପାର୍ଶ୍ୱିକ ପରିସ୍ଥିତିରୁ ଜଣାପଡ଼ିଥିବାବେଳେ ତାଙ୍କୁ



୩ ଅଭିଯୁକ୍ତ ଗିରଫ

ଗଣଦୁଷ୍କର୍ମ ପରେ ହତ୍ୟା କରାଯାଇଥିବା ସ୍ଥାନୀୟ ଲୋକମାନେ କହିବା ସହ ଏହାର ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ । ଢେଙ୍କାନାଳ ଏସ୍‌ଡିପିଓ ଅଜୟପ୍ରତାପ ସ୍ୱାଇଁ, ଗଁଦିଆ ଥାନାଧିକାରୀ ଉଗ୍ରସେନ ପ୍ରଧାନ ସାଇଣ୍ଟିଫିକ୍ ଟିମ୍ ସହ ପହଞ୍ଚି ତଦନ୍ତ କରିଥିଲେ । ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କଟକ ଫୋରେନସିକ୍ ଲ୍ୟାବକୁ ପଠାଯାଇଛି । ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଗତ ୩୦ ତାରିଖ ସଂଧ୍ୟାରେ ୪ ଜଣ ଯୁବକ ମଦ୍ୟପାନ କରୁଥିଲେ ବୋଲି ୱାଚ୍‌ମ୍ୟାନ ପୁଲିସକୁ ସୂଚନା ଦେବା ପରେ ପୁଲିସ ସଂପୃକ୍ତ ଯୁବକଙ୍କ ପତ୍ତା ଲଗାଇଥିଲା । ଗତକାଲି ରାତିରେ ପୁଲିସ ଚଢାଉ କରି ସାଆନ୍ଦାପଶି ପାଟଣା ଗ୍ରାମର ପ୍ରହଲ୍ଲାଦ ସାହୁ(୨୦), ଚିନ୍ମୟ ସାହୁ(୨୧), ପୋରୁଖୋଜ ଗ୍ରାମର ଜ୍ଞାନରଂଜନ ସାହୁ(୨୨)ଙ୍କୁ ଗିରଫ କରିଛି । ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ସାଆନ୍ଦାପଶି ପାଟଣା ଗ୍ରାମର ମଣ୍ଟୁ ଶତପଥୀ(୨୩) ଫେରାର ହୋଇଯାଇଛି । ଲକ୍ଷ୍ମୀଙ୍କୁ ହତ୍ୟା କରିଥିବା ଗିରଫ ଅଭିଯୁକ୍ତମାନେ ପୁଲିସ ନିକଟରେ ସ୍ୱୀକାର କରିଥିବା ବେଳେ ଦୁଷ୍କର୍ମ କରି ନଥିବା କହିଛନ୍ତି । ତାଙ୍କ ପ୍ରତି ଦୁଷ୍କର୍ମ ହୋଇଛି କି ନାହିଁ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଜଣା ପଡ଼ିବ ବୋଲି ପୁଲିସ କହିଛି । ଗତମାର୍ଚ୍ଚ ୧୨ ତାରିଖରେ ମଠତେଲ୍ଲୁକିଆ ଗ୍ରାମର ଜଣେ ଦଳିତ ନାବାଳିକାକୁ ଗଣଦୁଷ୍କର୍ମ ପରେ ପୋଡ଼ି ମାରି ଦିଆଯାଇଥିଲା । ସେହିପରି ମାର୍ଚ୍ଚ ୧୯ରେ ମହୁଲଖୋଳି ଗ୍ରାମର ଦଳିତ ନାବାଳିକା ଦୁଷ୍କର୍ମର ଶିକାର ହୋଇଥିଲେ ।

# ଅପହରଣ ପରେ ମହିଳାଙ୍କ ଦୁଷ୍କର୍ମ ଅଭିଯୋଗ

ପୁରୀ,୩/୫(ଇମିସ): ଜନୈକ ଯୁବତୀଙ୍କୁ ଅପହରଣ କରି ୪ମାସ ଧରି ଦୁଷ୍କର୍ମ କରାଯିବା ସମ୍ପର୍କରେ ଆଜି ଅଭିଯୋଗ ହୋଇଛି । ଏହାକୁ ଭିତ୍ତିକରି କୁମ୍ଭାରପଡ଼ା ଥାନା ପୁଲିସ ଏକ ମାମଲା ରୁଜୁ କରିଥିବା ଜଣାପଡ଼ିଛି ।

ସମ୍ପୃକ୍ତ ମହିଳା ଆଜି ଥାନାରେ ଅଭିଯୋଗ କରିଛନ୍ତି ଯେ ଗତ ଜାନୁୟାରି ୪ ତାରିଖରେ ସଦରଥାନା ଅନ୍ତର୍ଗତ ତୋରଣ ଗାଁର ୧୯ ବର୍ଷିୟା ସୀମା ପଣ୍ଡା(ଛଦ୍ମନାମ) ମାର୍କେଟଛକକୁ ଜେରକ୍ସ କରିବାକୁ ଆସିଥିଲେ । ଏହି ସମୟରେ ତାଙ୍କ ମୁହଁକୁ କିଛି ତରଳ ପଦାର୍ଥ ବାମୁଣ୍ଡି ଗାଁର ରଘୁନାଥ ମଳିକ(୩୦) ସ୍ପ୍ରେ କରି ଏକ କଳା କାରରେ ଅପହରଣ କରିନେଇଥିଲା । କାରଟି ଭୁବନେଶ୍ୱରରେ ପହଞ୍ଚିବା ପରେ ସୀମାଙ୍କର ଚେତା ଫେରିଥିଲା । ସେଠାରେ ସୀମାଙ୍କୁ ରଘୁନାଥ ନେଇ ଜଣେ ଓକିଲ ପାଖରେ ଜବରଦସ୍ତ ବିବାହ କରିଥିଲା । ବିବାହ ପରେ ସୀମାଙ୍କୁ ନେଇ ରଘୁନାଥ ଟ୍ରେନ୍ ଯୋଗେ ଉତ୍ତରାଖଣ୍ଡକୁ ନେଇଯାଇଥିଲା । ସେଠାରେ ଏକ ଭଡ଼ା ଘରେ ରଖି ତାଙ୍କ ସହ ବାରମ୍ବାର ଦୁଷ୍କର୍ମ କରିଥିଲା ବୋଲି ଅଭିଯୋଗ ହୋଇଛି । ସୀମାଙ୍କୁ ଉକ୍ତ ଭଡ଼ା ଘରେ ତାଲା ପକାଇ ରଖି ରଘୁନାଥ ଡ୍ୟୁଟିକୁ ଯାଏ । ରଘୁନାଥ ସେଠାରେ ସୀମା ସୁରକ୍ଷା ବାହିନୀରେ ଚାକିରୀ କରିଥିଲା ବୋଲି ସୂଚନା ମିଳିଛି । ତେବେ ଦୀର୍ଘ ଅଢ଼େଇ ମାସ ଧରି ଉତ୍ତରାଖଣ୍ଡରେ ସୀମାଙ୍କୁ ରଖି ଦୁଷ୍କର୍ମ କରିବା ଫଳରେ ସେ ଗର୍ଭବତୀ ହୋଇଥିଲେ । ତେଣୁ ସୀମାଙ୍କୁ ନେଇ ରଘୁନାଥ ଗତ ଅଢ଼େଇ ମାସ ପୂର୍ବେ ତାଙ୍କ ଗାଁକୁ ଆସିଥିଲା । ଏଠାରେ ସୀମାଙ୍କୁ ଛାଡ଼ି ରଘୁନାଥ ଉତ୍ତରାଖଣ୍ଡ ଚାଲିଯାଇଥିଲା । ଏଠାରେ ରଘୁନାଥର ବାପା ସୀମାଙ୍କୁ ଘରେ ତାଲା ପକାଇ ରଖୁଥିଲେ । ପରିସ୍ରା ଯିବାକୁ ହେଲେ ସୀମା ପାଇଁ ଏକ ବାଲଟି ରଖାଯାଇଥିଲା । ଗତ ମାର୍ଚ୍ଚ ୨ ତାରିଖରେ ଦିନ କୌଶଳକ୍ରମେ ସୀମା ସେଠାରୁ ଖସି ଆସିଥିଲା । ସୀମା ସେଠାରୁ କୌଶଳକ୍ରମେ ଖସିଆସି ଘରେ ପହଞ୍ଚି ସମସ୍ତ ଘଟଣା ସମ୍ପର୍କରେ ଅଭିଯୋଗ ହୋଇଥିଲା ।

# ଚଳନ୍ତା କାରରୁ ଡେଇଁ ମହିଳା ଗୁରୁତର

ପୁରୀ/ବ୍ରହ୍ମଗିରି, ୪/୫(ଇମିସ): ନରେନ୍ଦ୍ର କୋଣ ଜଟିଆ ବାବାଜୀ ଛକରୁ ଏକ କାରରେ ନିଜ ଗାଁକୁ ଯାଉଥିବା ଜନୈକ ମହିଳାଙ୍କୁ ଅପହରଣ ଉଦ୍ୟମ ହେଉଥିବା ବେଳେ ସେ କାରରୁ ଡେଇଁ ଗୁରୁତର ଆହତ ହୋଇଛନ୍ତି । ଏହାର ପ୍ରତିବାଦରେ ସ୍ଥାନୀୟ ଲୋକେ ଉକ୍ତ କାରଟିକୁ ନିଆଁ ଲଗାଇ ଜାଳି ଦେଇଥିବା ଜଣାପଡ଼ିଛି । ଆହତ ମହିଳାଙ୍କୁ ସ୍ଥାନୀୟ ଲୋକେ ଚିକିତ୍ସା ଲାଗି କେରାଣ୍ଡିଆ ଚିକିତ୍ସାଳୟକୁ ପଠାଇଥିବା ବେଳେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

ଖବର ନେବାରେ ଜଣାପଡ଼ିଛି ଯେ ଆଜି

## ଅପହରଣ ଉଦ୍ୟମ

ସନ୍ଧ୍ୟାରେ ରେବଣା ନୂଆଗାଁ ମହାନ୍ତି ସାହିର ଛବି ଦଳେଇଙ୍କର ପତ୍ନୀ ସବିତା ଓ ତାଙ୍କର ଦୁଇ ଜଣ ବାନ୍ଧବୀ ଜଟିଆ ବାବାଜୀ ଛକରେ ବସ୍ ନ ମିଳିବାରୁ ଏକ କାରରେ ବସି ଯାଇଥିଲେ । ଏହି କାରଟି ସବିତାଙ୍କର ଦୁଇ କପିଳେଶ୍ୱରପୁରର ବାନ୍ଧବୀଙ୍କୁ ଜଗନ୍ନାଥ ରୋଡ୍ ନିକଟରେ ଛାଡ଼ି ଦେଇଥିଲା । ସବିତା ରେବଣା ନୂଆଗାଁରେ ଓହ୍ଲାଇବେ ବୋଲି କହିଥିଲେ । ମାତ୍ର ରେବଣା ନୂଆଗାଁ ଛକ ପୂର୍ବରୁ କାରଟି ହଳଦିଆ ଛକରୁ ବରୁଡ଼ି ଗାଁ ଆଡ଼କୁ ଯାଇଥିଲା । ସବିତାଙ୍କୁ କୌଣସି ମନ୍ଦ ଉଦ୍ଦେଶ୍ୟରେ କାର ଚାଳକ ଅନ୍ୟଆଡ଼େ ନେଇଯାଉଥିବା ଜାଣିପାରି ସେ ଚଳନ୍ତା କାରରୁ ଡେଇଁ ପଡ଼ିଥିଲେ । ଫଳରେ ଭାରସାମ୍ୟ ହରାଇ କାରଟି ନିକଟରେ ଥିବା ବିଲଆଡ଼କୁ ଖସି ପଡ଼ିଥିଲା । ସବିତାଙ୍କର ଚିତ୍କାର ଶୁଣି ବଜାରରେ ଥିବା ଲୋକେସଙ୍ଗେ ସଙ୍ଗେ ଘଟଣାସ୍ଥଳରେ ପହଞ୍ଚି ସମସ୍ତ ଘଟଣା ଶୁଣିବା ପରେ ତାଙ୍କୁ ଚିକିତ୍ସା ଲାଗି କେରାଣ୍ଡିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଉକ୍ତ କାରଟିରେ ନିଆଁ ଲଗାଇ ପୋଡ଼ି ଦେଇଥିଲେ । ଖବର ପାଇ ବ୍ରହ୍ମଗିରି ଥାନା ପୁଲିସ କେରାଣ୍ଡିଆ ଚିକିତ୍ସାଳୟକୁ ଯାଇ ସବିତାଙ୍କର ବୟାନ ରେକର୍ଡ଼ କରିଛି । ସେହିପରି ଅନ୍ୟ ଏକ ପୁଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଏହି ଜଳିଯାଇଥିବା କାରଟିକୁ ଜବତ କରିଛି ।

# ଭଦ୍ରକର ମହିଳା ବାଲୁଗାଁ ଷ୍ଟେସନ୍‌ରୁ ଉଦ୍ଧାର

## ଦିଅରର ଦୁଷ୍କର୍ମ ଅଭିଯୋଗ

ବାଲୁଗାଁ, ୫।୫ (ଇମିସ): ଜଣେ ସମ୍ପର୍କୀୟ ଦିଅର ଦ୍ୱାରା ଦୁଷ୍କର୍ମ ତଥା ବ୍ଲାକ୍‌ମେଲିଂର ଶିକାର ହୋଇଥିବା ଭଦ୍ରକର ଜଣେ ମହିଳାଙ୍କୁ ଅଚେତ ଅବସ୍ଥାରେ ବାଲୁଗାଁ ଷ୍ଟେସନ୍‌ରୁ ଉଦ୍ଧାର କରାଯାଇଛି। ଦୀର୍ଘ ଦୁଇଦିନ ଧରି ବାଲୁଗାଁ ମେଡିକାଲରେ ଚିକିତ୍ସିତ ହେବା ପରେ ଆଜି ତାଙ୍କର ଚେତା ଫେରିଛି। ଚେତା ଫେରିବା ପରେ ସେ ପୁଲିସକୁ ଏହି ଚାଞ୍ଚଲ୍ୟକର ବୟାନ ଦେଇଥିବା ବେଳେ ଆତ୍ମହତ୍ୟା କରିବା ପାଇଁ ଘରୁ ବାହାରି ଆସିଥିବା କହିଛନ୍ତି।

ମହିଳାଜଣଙ୍କ ପୁଲିସକୁ ଦେଇଥିବା ବୟାନ ଅନୁସାରେ ତାଙ୍କ ଶ୍ୱଶୁର ଘର ଭଦ୍ରକ ଜିଲ୍ଲା ଚରମ୍ପା ନିକଟସ୍ଥ କ୍ଷୀରସାହିରେ। ତାଙ୍କ ସ୍ୱାମୀ ବାହାର ରାଜ୍ୟରେ କାମ କରୁଥିବା ବେଳେ ଘରେ ତାଙ୍କର ଗୋଟିଏ ୫ବର୍ଷର ଝିଅ ଓ ୮ ବର୍ଷର ଏକ ପୁଅ ଅଛି। ତାଙ୍କ ସ୍ୱାମୀଙ୍କ ଅନୁପସ୍ଥିତିରେ ସ୍ୱାମୀଙ୍କ ମାମୁଁ ପୁଅ ଭାଇ ସେହି ଗାଁର ନିରଞ୍ଜନ ପ୍ରଧାନ ତାଙ୍କୁ ବାରମ୍ବାର ପ୍ରେମ ନିବେଦନ କରି ଶେଷରେ ଶାରୀରିକ ସମ୍ପର୍କ ରଖିବାରେ ସଫଳ ହୋଇଥିଲା। ନିରଞ୍ଜନ ଏହି ଅନ୍ତରଙ୍ଗ ମୁହୂର୍ତ୍ତକୁ ଫୋନରେ ରେକର୍ଡିଂ କରି ରଖିଥିଲା। ଧିରେଧିରେ ଘରଲୋକ ଜାଣିବା ପରେ ଏହାକୁ ବିରୋଧ କରିଥିଲେ ମଧ୍ୟ ନିରଞ୍ଜନ ମାନି ନଥିଲା। ଓଲଟା ଫୋନ୍‌ରେ ଥିବା ଦୃଶ୍ୟକୁ ପ୍ରଘଟ କରିଦେବ ବୋଲି କହି ବ୍ଲାକମେଲ୍ କରିବା ସହ ବଳପୂର୍ବକ ତାଙ୍କ ସହ ଦୁଷ୍କର୍ମ କରିଥିଲା। ଏହାସହ ତାଙ୍କ ଠାରୁ ବିଭିନ୍ନ ସମୟରେ ଟଙ୍କା, ସୁନା ଆଦି ନେଇଯାଇଛି। ତେବେ ହଠାତ୍ ଦିନେ ମହିଳାଙ୍କ ସ୍ୱାମୀ ଘରେ ପହଞ୍ଚି ଉଭୟଙ୍କୁ ଅସଂଜତ ଅବସ୍ଥାରେ ଦେଖିବାରୁ ନିରଞ୍ଜନ ସେଠାରୁ ଦୌଡ଼ି ପଳାଇଥିଲା। ମହିଳାଜଣଙ୍କ ମଧ୍ୟ ଲଜ୍ଜାରେ ଘର ଛାଡ଼ି ପଳାଇଆସିଥିଲେ। ଘରୁ ୪କିମି ଚାଲିକରି ଆସିବା ପରେ ଚରମ୍ପାରୁ ଏକ ବସ୍‌ରେ ଭଦ୍ରକ ଆସିଥିଲେ। ସେଠାରେ କୌଣସି ଏକ ଟ୍ରେନ୍‌ରେ ବାଲୁଗାଁ ଚାଲିଆସିଥିଲେ। ତେବେ ଟ୍ରେନ୍‌ରେ ସେ ଅଚେତ ହୋଇପଡ଼ିବା ପରେ ଅନ୍ୟଯାତ୍ରୀମାନେ ତାଙ୍କୁ ବାହାରକୁ ଆଣି ବାଲୁଗାଁ ଷ୍ଟେସନ୍ ମାଷ୍ଟରଙ୍କୁ ଜଣାଇଥିଲେ। ସେଠାରୁ ତାଙ୍କୁ ସ୍ଥାନୀୟ ମେଡିକାଲ୍‌ରେ ଭର୍ତ୍ତି କରାଯାଇଥିଲା। ଗତ ଶୁକ୍ରବାର ଠାରୁ ତାଙ୍କର ଚିକିତ୍ସା ଚାଲିଥିବା ବେଳେ ଆଜି ଚେତା ଫେରିଛି। ମୃତ୍ୟୁ ଛଡ଼ା ତାଙ୍କ ପାଖରେ ଅନ୍ୟ କିଛି ଉପାୟ ନାହିଁ ବୋଲି ମହିଳା ଜଣଙ୍କ ପ୍ରକାଶ କରିଛନ୍ତି। ତେବେ ବାଲୁଗାଁ ପୁଲିସ ସବୁକଥା ଜାଣିବା ପରେ ମହିଳାଙ୍କ ପରିବାରବର୍ଗଙ୍କୁ ଖବର ଦେଇ ନ ଥିବା ଜଣାପଡ଼ିଛି।

# ବିଧବାଙ୍କୁ ଗଣଦୁଷ୍କର୍ମ, ୭ ଅଟକ

- ଦୁଷ୍କର୍ମର ଭିଡ଼ିଓ କ୍ଲିପ୍ ପୁଲିସକୁ ବାଟ କଢ଼ାଇଲା
- ଗ୍ୟାଙ୍ଗ୍‌ରେ ବହୁ ସାମିଲ୍, ଭିଡ଼ିଓ କ୍ଲିପ୍ ଏସ୍‌ଏମ୍‌ଏସ୍ ବିକ୍ରି

ପୁରୁଷୋତ୍ତମପୁର, ୬।୫(ଇମିସ): ଗଂଜାମ ଜିଲ୍ଲାରେ ବିରାଜମାନ ତାରାତାରିଣୀଙ୍କୁ ଦର୍ଶନ କରିବା ପାଇଁ ଆସିଥିବା ଜଣେ ବିଧବା ଗଣଦୁଷ୍କର୍ମର ଶିକାର ହୋଇଛନ୍ତି। ପୀଡ଼ିତା ନିଜେ ଆସି ଥାନାରେ ଏତଲା ଦେବା ପରେ ପୁଲିସ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି। ଦୁଷ୍କର୍ମର ଶିକାର ହୋଇଛନ୍ତି ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଗ୍ରାମ ରେଙ୍ଗିଟିପଲ୍ଲୀ ଅଞ୍ଚଳର ଜଣେ ୩୦ ବର୍ଷ ବୟସ୍କା ବିଧବା ଝୁମୁରୀ(ଛଦ୍ମନାମ)। ଗତ ୨୭ ତାରିଖ ଦିନ ସେ ମା' ତାରାତାରିଣୀଙ୍କୁ ଦର୍ଶନ କରିବା ପାଇଁ ବସ୍‌ରେ ପୁରୁଷୋତ୍ତମପୁର ଆସିଥିଲେ। ସେଠାରୁ ଏକ ଅଟୋ (ଓଆର ୦୭ ଡି ୮୫୩୭) ଭଡ଼ା କଲେ। ଅଟୋବାଲା ବୁଲୁ ବିଷୋଇ। ସେ ଅଟୋରେ ଝୁମୁରୀଙ୍କୁ ନେଇ ପାହାଡ଼ ଉପରକୁ ଗଲା। ଝୁମୁରୀ ମା'ଙ୍କୁ ଦର୍ଶନ କଲେ। ପୂଜାର୍ଚ୍ଚନା ସାରି ପୁଣି ଅଟୋରେ ଫେରୁଥିଲେ। ହଠାତ ରାସ୍ତାରେ ବୁଲୁ ଅଟୋକୁ ରୋଡ୍ ସାଇଡ଼ରେ ରଖି କାହାରି ସହ ମୋବାଇଲ ଫୋନରେ କଥାବାର୍ତ୍ତା କଲା। କିଛି ସମୟ ମଧ୍ୟରେ ସେଠାରେ ୬ଜଣ ଯୁବକ ଆସି ପହଞ୍ଚିଗଲେ। ସେମାନେ ଝୁମୁରୀଙ୍କୁ ଘେରି ଯାଇ ଅଟୋରୁ ଭିଡ଼ି ଆଣିଲେ। ଝୁମୁରୀ ଜୀବନ ବିକଳରେ ଚିତ୍କାର କରୁଥିଲେ ମଧ୍ୟ ବୁଲୁ ସେମିତି ଦେଖୁଥାଏ। ସେମାନେ ଝୁମୁରୀଙ୍କୁ ପାହାଡ଼ ଉପରେ ଏକ ନିଭୃତ ସ୍ଥାନକୁ ନେଇ ଗଲେ। ସେଠାରେ ୩ ଜଣ ତାଙ୍କ ସହ ଦୁଷ୍କର୍ମ କରି ଚାଲିଲେ। ଅନ୍ୟ ୪ଜଣ ସହଯୋଗୀ ସାଜିଲେ। ଘଟଣା ଭିଆଇବା ପରେ ୭ଜଣ ଯାକ ଛୁରୀ ଦେଖାଇ କାହାରିକୁ କହିଲେ ଜୀବନରେ ମାରି ଦେବେ ବୋଲି ଧମକ ଦେବା ସହ ଝୁମୁରୀଙ୍କୁ ଆଣି ଜବରଦସ୍ତ ଅଟୋରେ ବସାଇ ଦେଲେ। ଅଟୋବାଲା ବୁଲୁ ଝୁମୁରୀଙ୍କୁ ପୁରୁଷୋତ୍ତମପୁରରେ ଛାଡ଼ି ଦେଇ ଚାଲିଗଲା। ଭାଗ୍ୟକୁ ଆଦରି ଝୁମୁରୀ ଗାଁକୁ ଫେରିଗଲେ। ଲୋକଲଜ୍ଜାକୁ ଡରି ଘଟଣା ସମ୍ପର୍କରେ କାହାରିକୁ କିଛି ନ କହି ଚୁପ୍ ରହିଲେ। ହେଲେ ଘଟଣାଚକ୍ର ଏମିତି ମୋଡ଼ ନେଲା ଯେ ଗାଁବାସିନ୍ଦା ଓ ପଡ଼ୋଶୀମାନେ ଆସି ମୋବାଇଲରେ ପ୍ରଚାରିତ ହେଉଥିବା ଭିଡିଓ କ୍ଲିପିଂ ସମ୍ପର୍କରେ ତାଙ୍କୁ କହିଲେ । ଅନନ୍ୟୋପାୟ ଝୁମୁରୀ ବାଧ୍ୟ ହୋଇ ଗତକାଲି ପୁରୁଷୋତ୍ତମପୁର ଥାନାରେ ଆସି ଅଭିଯୋଗ କଲେ। ଏତଲା ପାଇ ସେକେଣ୍ଡ ଅଫିସର ଅମ୍ବିକା ବେହିଆ କାର୍ଯ୍ୟାନୁଷ୍ଠାନ ଆରମ୍ଭ କଲେ। ପୁରୁଷୋତ୍ତମପୁର ଅଞ୍ଚଳରେ ଚାଲିଥିବା ଦୁଷ୍କର୍ମ ସମ୍ପର୍କିତ ରେକର୍ଡେଡ୍ ମେମୋରୀ ଚିପ୍ ମଧ୍ୟ ମିଳିଗଲା। ତାକୁ ଦେଖି ଅମ୍ବିକାଙ୍କ ନେତୃତ୍ୱରେ ସଦଳବଳ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ସଂପୃକ୍ତ ୭ ଯୁବକଙ୍କୁ ଥାନାକୁ ଅଣାଗଲା । ଆଜି ନିଜେ ଗଞ୍ଜାମ ଏସ୍‌ପି ଆସି ଘଟଣାର ଅନୁସନ୍ଧାନ କରି ଫେରିବା ସହିତ ପ୍ରକୃତ ଘଟଣାର ଛାନଭିନ୍ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପୁଲିସ କେସ୍ ନଂ ୯୫/୨୦୧୩ରେ ଦଫା ୩୭୬(୨) ଜି, ୫୦୦, ୫୦୬ ଓ ଆଇଟିଏ୍ଵଲ୍ୟୁ ସେକ୍ସନ ୪ରେ ଏକ ମକଦ୍ଦମା ରୁଜୁ କରିଛି । ଆଜି ପୀଡ଼ିତା ଏବଂ ସଂପୃକ୍ତ ଯୁବକମାନଙ୍କ ଡାକ୍ତରୀ ମାଇନା ପାଇଁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ପଠାଯାଇଥିବା ପ୍ରକାଶ।

# ଆସନ୍ନ ପ୍ରସବାଙ୍କୁ ତଡ଼ିଦେଲେ

ପୁରୀ,୧୫/୫(ଇମିସ): ପୁରୀ ବଡ଼ଡାକ୍ତରଖାନାରେ ଆଜି ପୂର୍ବାହ୍ନ ୬ଟା ୪୦ ମିନିଟରେ ଏକ ଅଭାବନୀୟ ଘଟଣା ଘଟିଛି । ଜଣେ ପ୍ରସୂତୀଙ୍କୁ ଅଧା ଜନ୍ମ ଅବସ୍ଥାରେ ଲେବର ରୁମରୁ ତଡ଼ି ଦିଆଯାଇଛି । ପ୍ରସୂତୀଙ୍କ ଏକ ଛୁଆ ସେତେବେଳେ ଅଧା ଜନ୍ମ ଅବସ୍ଥାରେ ଥିଲା । ଶିଶୁ ସନ୍ତାନଟି ମା' ସହ ଝୁଲୁଥିବା ବେଳେ ଲେବର ରୁମରେ ନିୟୋଜିତ ଚିକିତ୍ସକ ହଠାତ କହିଥିଲେ ଏହି ପ୍ରସୂତୀଙ୍କ ଛୁଆ ବାହାରକୁ ଆସୁନାହିଁ । ଅଟକି ରହିଛି । ଏହି ଛୁଆକୁ ବାହାରକୁ ଆଣିବାରେ ଡାକ୍ତରଖାନାରେ ବ୍ୟବସ୍ଥା ନାହିଁ । ତେଣୁ ପ୍ରସୂତୀଙ୍କୁ କଟକ ବଡ଼ଡାକ୍ତରଖାନାକୁ ନେବାକୁ ଚିକିତ୍ସକ ତଥା କର୍ମଚାରୀମାନେ ରେଫର କରି ଦେଇଥିଲେ । ଅଧା ଜନ୍ମ ଛୁଆଟିର ମୁଣ୍ଡଟି ଭିତରେ ରହିଥିବା ଅବସ୍ଥାରେ ଡାକ୍ତରଖାନା କର୍ମଚାରୀ ଷ୍ଟ୍ରେଚରରେ ଆଣି ଏକ ନିମ୍ବ ଗଛ ମୂଳେ ଛାଡି ଯାଇଥିଲା । ପ୍ରବଳ ଯନ୍ତ୍ରଣାରେ ପ୍ରସୂତୀ ହନ୍ତସନ୍ତ ହେଉଥିବା ଦେଖି ପାଖରେ ଥିବା ସହୃଦୟ ବ୍ୟକ୍ତିମାନେ ପ୍ରସୂତିଙ୍କୁ ଏକ ଘରୋଇ ନର୍ସିଂହୋମକୁ ନେବାକୁ ୧୦୮ ଆମ୍ବୁଲାନ୍ସକୁ ଡାକିଥିଲେ । ଏହି ଆମ୍ବୁଲାନ୍ସ କିନ୍ତୁ ରୋଗୀଙ୍କୁ କଟକ ରେଫର ହୋଇଥିବାରୁ ନର୍ସିଂ ହୋମକୁ ନେବାକୁ ମନା କରି ଦେଇଥିଲା । ଶେଷରେ ଲୋକମାନେ କଟକ ନେବାକୁ କହି ଏହି ଆମ୍ବୁଲାନ୍ସରେ ବଳପୂର୍ବକ ନର୍ସିଂ ହୋମକୁ ନେଇଥିଲେ । ବଡ଼ଡାକ୍ତରଖାନା ପାଖ ସାରଳା ନର୍ସିଂହୋମରେ ଏହି ରୋଗୀଙ୍କୁ ଭର୍ତ୍ତି କରାଯାଇଥିଲା । ସକାଳ ୭ଟା ୧୫ ମିନିଟରେ ଏହି ପ୍ରସୂତୀଙ୍କ ଡେଲିଭରି ହୋଇଥିଲା । ତେବେ ସେତେବେଳକୁ ମା' ଗର୍ଭରୁ ଝୁଲି ରହିଥିବା ଶିଶୁ ସନ୍ତାନଟି ମରି ଯାଇଥିଲା । ସନ୍ତାନ ମରିଥିଲେ ମଧ୍ୟ ନର୍ସିଂହୋମର ଡାକ୍ତରମାନେ ପ୍ରସୂତିଙ୍କ ଜୀବନ ବଞ୍ଚାଇବାରେ ସଫଳ ହୋଇଥିଲେ ।

ଏବେ ବ୍ରହ୍ମଗିରି ଥାନାର ଗଡରୋଡ଼ଙ୍କ ନିକଟ ବାଲି ପୋଖରୀ ନିବାସୀ ଏହି ପ୍ରସୂତୀ ସରୋଜିନୀ ଭୋଇ ନର୍ସିଂହୋମରେ ସୁସ୍ଥ ଅଛନ୍ତି । ତାଙ୍କ ସ୍ୱାମୀ ହରିହର ଭୋଇ ତାଙ୍କର ଶିଶୁଙ୍କୁ ହତ୍ୟା କରିଥିବା ଡାକ୍ତରଖାନାର ଷ୍ଟାଫ୍ ଏବଂ ଡାକ୍ତରଙ୍କ ବିରୋଧରେ ଫୌଜଦାରୀ କାର୍ଯ୍ୟାନୁଷ୍ଠାନ ଲାଗି ଦାବି କରିଛନ୍ତି । ଡାକ୍ତରଖାନାରେ ଏହି ଅମାନବୀୟ ଘଟଣା ନେଇ ଆଜି ଅନୁଷ୍ଠିତ ରଥଯାତ୍ରା ସମନ୍ୱୟ କମିଟି ବୈଠକରେ ବି କଥା ଉଠିଥିଲା । ସଭାରେ ସାମ୍ବାଦିକ ରୁଦ୍ର ସିଂ ଏହି ଘଟଣାକୁ ଉତ୍ଥାପନ କରି ପୁରୀ ବଡ଼ ଡାକ୍ତରଖାନାର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବାର ନଜିରକୁ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

### ୧୭ ବର୍ଷ ପରେ କଡ଼ ଲେଉଟାଇଲା କେସ୍

# କୋର୍ଟରେ ହାଜର ହେଲେ ପୀଡ଼ିତା

- ସୁରକ୍ଷା ବଳୟରେ ଆସିଲେ, ଗଲେ
- ରୁଦ୍ଧଦ୍ୱାର ଶୁଣାଣିରେ ବୟାନ୍ ଦେଇ କାନ୍ଦିଲେ

ଭୁବନେଶ୍ୱର,୧୬।୫(ଇମିସ): ଷୋଳ ବର୍ଷ ଦଶ ମାସ ତଳେ, ୧୯୯୬ ଜୁଲାଇ ୨ ତାରିଖ ସଂଧ୍ୟାରେ, ଖୋର୍ଦ୍ଧା ସହରର ବଧା ପୋଖରୀ ପାହାଚରେ, ଘଟିଥିଲା ଏକ ଚାଞ୍ଚଲ୍ୟକର ଗଣବଳାତ୍କାର । ପୁରୀ ଜିଲ୍ଲା ଡେଲାଙ୍ଗ ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ଚାରି ଜଣ ଦୁର୍ବୃତ୍ତ ଗଣଦୁଷ୍କର୍ମ କରିଥିଲେ । ଚିରାଚରିତ ରୀତିରେ ପୁଲିସ୍‌ରେ କେସ୍ ରୁଜୁ ହୋଇଥିଲା । ଚାରି ଅଭିଯୁକ୍ତଙ୍କ ବିରୋଧରେ ଗଣବଳାତ୍କାର ଓ ଆକ୍ରମଣ ଦଫାରେ ଚାର୍ଜସିଟ୍ ଦାଖଲ ହୋଇ ମାମଲାର ବିଚାର ବି ଆରମ୍ଭ ହୋଇଥିଲା । ତେବେ, ହାଇପ୍ରୋଫାଇଲ୍ କେସ୍ ହୋଇଥିବାରୁ, ବିଚାରପ୍ରକ୍ରିୟା ପ୍ରଭାବିତ ହୋଇଥିଲା । ଖୋର୍ଦ୍ଧା ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କ ଅଦାଲତରେ ମାମଲାର ଶୁଣାଣି ଲମ୍ବି ଲମ୍ବି ଯାଇଥିଲା । ପୀଡ଼ିତା ଯୁବତୀ ଜଣକ ନ୍ୟାୟରୁ ବଞ୍ଚିତ ହୋଇ ଲୋକଲଜ୍ଜା ଭୟରେ ଚୁପ୍ ରହିଯାଇଥିଲେ ।

ଦୀର୍ଘ ସତର ବର୍ଷ ପରେ, ଆଜି ଉକ୍ତ କେସ୍ କଡ଼ ଲେଉଟାଇଛି । ପୀଡ଼ିତା ଯୁବତୀ ଆଜି କୋର୍ଟରେ ହାଜର ହୋଇ ନିଜ ବୟାନ ରଖିବା ସହ ପ୍ରତିପକ୍ଷ ଆଇନଜୀବୀଙ୍କ ଜେରାକୁ ସାମ୍ନା କରିଛନ୍ତି । ରୁଦ୍ଧଦ୍ୱାର ଶୁଣାଣି ବେଳେ, ପୀଡ଼ିତା ଜଣକ ସତର ବର୍ଷ ତଳେ ଭୋଗିଥିବା ନିର୍ଯାତନା ଓ ଲାଞ୍ଛନା କଥା କହୁ କହୁ କାନ୍ଦି ପକାଇଥିଲେ । ତଥାପି, ଅସୀମ ଧୈର୍ଯ୍ୟର ସହ ଅଭିଯୁକ୍ତମାନଙ୍କ ପକ୍ଷରୁ ମକଦ୍ଦମା ପରିଚାଳନା କରୁଥିବା ଆଇନଜୀବୀମାନଙ୍କ ପ୍ରଶ୍ନବାଣକୁ ସାମ୍ନା କରିଥିଲେ ଓ ଜବାବ ଦେଇଥିଲେ ।

ସତର ବର୍ଷ ଧରି ଏହି ବଳାତ୍କାର ମାମଲା କୋର୍ଟରେ ଗଡ଼ୁଥିବା ଏବଂ ବଳାତ୍କାରର ଶିକାର ଯୁବତୀଙ୍କୁ ନ୍ୟାୟ ମିଳିନଥିବା ଦର୍ଶାଯାଇ, ଓଡ଼ିଶା ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା । ଆଇନଜୀବୀ ତଥା ମାନାଧିକାର କର୍ମୀ ପ୍ରବୀର କୁମାର ଦାସଙ୍କ ପକ୍ଷରୁ ରୁଜୁ ଏହି ପିଟିସନ୍‌ରେ ପୀଡ଼ିତାଙ୍କ କେସ୍‌ଟିକୁ ଉଦାହରଣ ରୂପେ ଉପସ୍ଥାପନ କରାଯାଇ, ଏଇଥିପାଇଁ ନ୍ୟାୟ ବ୍ୟବସ୍ଥା ଉପରୁ ଲୋକଙ୍କ ଆସ୍ଥା ତୁଟିଯାଉଛି ବୋଲି ଦର୍ଶାଯାଇଥିଲା । ମାମଲାର ଶୁଣାଣି କରି ହାଇକୋର୍ଟ ରାଜ୍ୟ ସରକାରଙ୍କୁ ଜବାବ ମାଗିବା ସହ ବିଚାର ବିଳମ୍ବ ନେଇ ଖୋର୍ଦ୍ଧା ଅଦାଲତରୁ ମଧ୍ୟ ରିପୋର୍ଟ ତଲବ କରିଥିଲେ । ଯେହେତୁ ସବୁ ଫୌଜଦାରି ମାମଲାରେ ପୀଡ଼ିତାଙ୍କ ପକ୍ଷରୁ ସରକାର (ପ୍ରସିକ୍ୟୁସନ୍) ଲଢ଼ନ୍ତି, ପୀଡ଼ିତାଙ୍କୁ ନ୍ୟାୟ ଦେବା ସରକାରଙ୍କ ଦାୟିତ୍ୱ, ଏ କ୍ଷେତ୍ରରେ କାହିଁକି ତାହା ହୋଇନାହିଁ ବୋଲି ଶୁଣାଣି ବେଳେ ପ୍ରଶ୍ନ ଉଠିଥିଲା । ହାଇକୋର୍ଟଙ୍କ ଜବାବ ତଲବ ପରେ ନିମ୍ନ ଅଦାଲତର ବିଚାର ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଥିଲା । ଏବଂ ପୀଡ଼ିତାଙ୍କୁ ଖୋଜି ବାହାର କରିବା ପାଇଁ ଖୋର୍ଦ୍ଧା ଜିଲ୍ଲା ଡିଏସ୍‌ଡବ୍ଲୁଓଙ୍କ ସମେତ ଏସ୍‌ପିଙ୍କୁ ତାଗିଦ୍ କରାଯାଇଥିଲା ।

ଏହି କ୍ରମରେ ପୀଡ଼ିତାଙ୍କୁ ପୁରୀ ଜିଲ୍ଲାରେ ଠାବ କରାଯାଇ ସାକ୍ଷି ସମନ୍ ଜାରି କରାଯାଇଥିଲା । ବିବାହ ପରେ ସ୍ୱାମୀ ଓ ଦୁଇଟି ସନ୍ତାନଙ୍କ ସହ ସାଧାରଣ ଜୀବନ ଜିଉଥିବା ପୀଡ଼ିତା ସୁରକ୍ଷା ଦୃଷ୍ଟିରୁ ପ୍ରଥମେ ଖୋର୍ଦ୍ଧା କୋର୍ଟକୁ ଆସିବାକୁ ଅରାଜି ହୋଇଥିଲେ । ତାଙ୍କ ଜୀବନ ପ୍ରତି ବିପଦ ଅଛି, ତାଙ୍କୁ ଅତୀତରେ ଧମକଚମକ ଦିଆଯାଇଛି, ସୁରକ୍ଷା ବ୍ୟବସ୍ଥା କଲେ ସେ କୋର୍ଟକୁ ଯିବେ ବୋଲି କହିଥିଲେ । ତଦନୁସାରେ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା ଓ ଆଜି ତାଙ୍କୁ କଡ଼ା ସୁରକ୍ଷା ବଳୟ ଭିତରେ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଆର୍.କେ. ପଣ୍ଡାଙ୍କ ଇଜଲାସ୍‌ରେ ହାଜର କରାଯାଇଥିଲା । ସିଜେଏମ୍‌ଙ୍କ ଚାମ୍ବର୍‌ରେ ସକାଳ ସାଢ଼େ ଆଠଟାରୁ ପ୍ରାୟ ଅଢ଼େଇ ଘଣ୍ଟା ଧରି ଜାରି ରହିଥିଲା ରୁଦ୍ଧଦ୍ୱାର ଶୁଣାଣି । ମିଳିଥିବା ତଥ୍ୟ ମୁତାବକ, କୋର୍ଟଙ୍କ ଆଗରେ ପୀଡ଼ିତା ସେଦିନ ରାତିରେ ଭୋଗିଥିବା ନିର୍ମମ ନିର୍ଯାତନା କଥା ଗୋଟି ଗୋଟି କହିଥିଲେ । ଚାରି ଅଭିଯୁକ୍ତଙ୍କ ମିଳିତ ଅତ୍ୟାଚାରର ଲୋମଟାଙ୍କୁରା ବିବରଣୀ ରଖିଥିଲେ । ତାଙ୍କ ବୟାନ୍ ରେକର୍ଡ କରାଯିବା ପରେ ଅଭିଯୁକ୍ତମାନଙ୍କ ପକ୍ଷରୁ ଦୁଇ ଜଣ ଆଇନଜୀବୀ ତାଙ୍କୁ ଦୀର୍ଘ ସମୟ ଜେରା କରିଥିଲେ । ପୀଡ଼ିତାଙ୍କ ସହ ତାଙ୍କ ସ୍ୱାମୀ ମଧ୍ୟ ଆଜି କୋର୍ଟକୁ ଆସିଥିଲେ । ତେବେ ସେ ଶୁଣାଣିବେଳେ ଉପସ୍ଥିତ ନଥିଲେ । ଅଭିଯୁକ୍ତମାନଙ୍କ ମଧ୍ୟରୁ କେତେ ଜଣ ଶୁଣାଣିବେଳେ ଉପସ୍ଥିତ ଥିବାବେଳେ ଅନ୍ୟମାନେ ବାହାରେ ବୁଲୁଥିଲେ । ଏ ଚର୍ଚ୍ଚିତ କେସ୍‌ର ଶୁଣାଣିକୁ ଦୃଷ୍ଟିରେ ରଖି ଆଜି କୋର୍ଟ ପରିସରରେ ନିରାପତ୍ତା ବ୍ୟବସ୍ଥାକୁ କଡ଼ା କରାଯାଇଥିଲା । ଶୁଣାଣି ସରିବା ପରେ ପୁଲିସ୍ ଓ ଏପିଆର୍ ଫୋର୍ସର ସୁରକ୍ଷା ବଳୟ ଭିତରେ ପୀଡ଼ିତାଙ୍କୁ ତାଙ୍କ ଘରେ ପହଞ୍ଚାଇ ଦିଆଯାଇଥିଲା ।

ପୀଡ଼ିତା ଯୁବତୀ ଜଣକ କଣାସ କଲେଜରେ ପାଠ ପଢ଼ିବା ସହ ଭୁବନେଶ୍ୱରର ଏକ ଘରୋଇ ସଂସ୍ଥାରେ ପାର୍ଟଟାଇମ୍ କାମ କରୁଥିଲେ । ଅଘଟଣ ଦିନ ସେ ନିଜ ବଡ଼ଭାଇ ଓ ଭାଇଙ୍କର ଜଣେ ବଂଧୁଙ୍କ ସହ ଭୁବନେଶ୍ୱରରୁ ଘରକୁ ଫେରୁଥିଲେ । ଟ୍ରେନ୍ ଧରି ନ ପାରି ତିନିହେଁ ଯାଇଥିଲେ ଖୋର୍ଦ୍ଧା ବସ୍‌ଷ୍ଟାଣ୍ଡ । ସେଠି ବସ୍ ନ ପାଇ ଜାତୀୟ ରାଜପଥ ଉପରୁ ଟ୍ରକ୍ ଧରିବାକୁ ଚାଲିଚାଲି ବାହାରିଥିଲେ । ଠେଙ୍ଗୀହାଟ ଛକ ବରୁଣେଇ ରାସ୍ତା କଡ଼ ବଧା ପୋଖରୀ ନିକଟରେ ଚାରି ଜଣ ଦୁର୍ବୃତ୍ତ ସେମାନଙ୍କୁ ସଶସ୍ତ୍ର ଆକ୍ରମଣ କରିଥିଲେ । ଯୁବତୀଙ୍କ ଭାଇ ଓ ତାଙ୍କ ସାଙ୍ଗଙ୍କୁ ଭୟଭୀତ କରି ଭଗାଇ ଦେଇ ପୋଖରୀ ପାହାଚରେ ଯୁବତୀଙ୍କୁ ଗଣବଳାତ୍କାର କରିଥିଲେ । ଅଭିଯୋଗ ପାଇ, ପୁଲିସ୍ କେସ୍ ରୁଜୁ କରିଥିଲା । ଦୁଇ ଜଣଙ୍କୁ ଗିରଫ କରିଥିବାବେଳେ ଆଉ ୨ ଜଣ ଆତ୍ମସମର୍ପଣ କରିଥିଲେ । ମାମଲାର ବିଚାର କିନ୍ତୁ ଆରମ୍ଭ ହୋଇ ଲମ୍ବି ଯାଇଥିଲା । ହାଇକୋର୍ଟଙ୍କ ହସ୍ତକ୍ଷେପ ପରେ ଆଜି ମାମଲା ମୋଡ଼ ବୁଲିଛି । ଗ୍ରୀଷ୍ମାବକାଶ ପରେ ହାଇକୋର୍ଟରେ ମାମଲାର ପରବର୍ତ୍ତୀ ଶୁଣାଣି ହେବାର ଅଛି ।

# ଡକାୟତି ପରେ ମହିଳାଙ୍କୁ ଗଣଦୁଷ୍କର୍ମ

ବାଲେଶ୍ୱର/ଜଳେଶ୍ୱର, ୬/୫(ଇମିସ): ପ୍ରଥମେ ମାରଣାସ୍ତ୍ର ଦେଖାଇ ଡକାୟତି ଓ ପରେ ଗଣଦୁଷ୍କର୍ମ। ଗୁରୁବାର ମଧ୍ୟରାତ୍ରିରେ ଜଳେଶ୍ୱର ବ୍ଲକ୍ ଅନ୍ତର୍ଗତ ରାଇବଣିଆ ଅଞ୍ଚଳରେ ୪ ଡକାୟତ ଏଭଳି ଜଘନ୍ୟ କାଣ୍ଡ ଘଟାଇ ଫେରାର ହୋଇ ଯାଇଛନ୍ତି। ଏହି ଘଟଣାକୁ ନେଇ ସମଗ୍ର ଜିଲ୍ଲାରେ ଆଲୋଡ଼ନ ସୃଷ୍ଟି ହୋଇଥିବା ବେଳେ ପୁଲିସ ଏଯାଏ ଡକାୟତମାନଙ୍କ ଟେର୍ ପାଇନାହିଁ। ତେଣେ ଆଜି ପୀଡ଼ିତା ମହିଳାଙ୍କ ଡାକ୍ତରୀମାଇନା କରାଯାଇଛି।

## ଗହଣା ଓ ନଗଦ ଟଙ୍କା ଲୁଟ୍
## ୪ ଡକାୟତ ଫେରାର

ଗୁରୁବାର ରାତି ପ୍ରାୟ ସାଢ଼େ ଗୋଟାଏ ବେଳେ ୪ ଜଣ ଡକାୟତ ରାଇବଣିଆ ଥାନା ଅନ୍ତର୍ଗତ ଉପରତୋଟା ଗ୍ରାମର ସ୍ୱର୍ଗତ ରାକେଶ ବିନ୍ଧାଣୀ (ଛଦ୍ମନାମ)ଙ୍କ ଘରେ ପଶିଥିଲେ। ମୁହଁରେ କଳାକନା ବାନ୍ଧିଥିବା ଏବଂ ବିଭିନ୍ନ ମାରଣାସ୍ତ୍ର ସଜ୍ଜିତ ଏହି ଡକାୟତମାନଙ୍କୁ ଦେଖି ଘର ଭିତରେ ଥିବା ସ୍ୱର୍ଗତ ବିନ୍ଧାଣୀଙ୍କ ସ୍ତ୍ରୀ ଓ ୩ ପୁଅ ଓ ଝିଅ ଭୟରେ ଜଡ଼ସଡ଼ ହୋଇଯାଇଥିଲେ। ଡକାୟତମାନେ ମହିଳାଙ୍କ ୩ ପୁଅ ଓ ଝିଅକୁ ମାରଣାସ୍ତ୍ର ଦେଖାଇ ଏକ ଘରେ ପୂରାଇ ବାହାର ପଟୁ କବାଟ ବନ୍ଦ କରିଦେବା ପରେ ୨ ଜଣ ଡକାୟତ ମହିଳାଙ୍କୁ ବନ୍ଧୁକ, ଛୁରୀ, ଭୁଜାଲି ଆଦି ଦେଖାଇ ସୁନା ଅଳଙ୍କାର ଓ ଟଙ୍କା ଆଣିବାକୁ ଧମକାଇଥିଲେ। ମହିଳା ଜଣକ ଭୟଭୀତ ହୋଇ ନିଜ ବାହାଘର ଅଳଙ୍କାର ସବୁ ଆଣିବା ସହିତ ଘରେ ଥିବା ୧୧ ହଜାର ୭୦୦ ଟଙ୍କା ଡକାୟତମାନଙ୍କୁ ଦେଇ ଦେଇଥିଲେ। ତେବେ ଏତିକିରେ ଡକାୟତମାନଙ୍କ ଆଶମାନ ମେଣ୍ଟି ନଥିଲା। ସେମାନେ ମହିଳାଙ୍କୁ ବାହାରକୁ ନେଇଯାଇଥିଲେ। ଏକ ନିଛାଟିଆ ଅନ୍ଧାରିଆ ଜାଗାରେ ସେମାନେ ଉକ୍ତ ମହିଳାଙ୍କ ସହିତ ଦୁଷ୍କର୍ମ କରିଥିଲେ ବୋଲି ଆଜି ରାଇବଣିଆ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ମୂଳେ ପୁଲିସ ୪୧/୧୩ ନମ୍ବରରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଗଣଦୁଷ୍କର୍ମର ଶିକାର ହୋଇଥିବା ମହିଳା ଜଣକ ଆଜି ଅପରାହ୍ଣରେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଡାକ୍ତରଖାନା ଆସିଥିବା ବେଳେ ଏଠାରେ ତାଙ୍କ ଡାକ୍ତରୀ ମାଇନା କରାଯାଇଛି। ଏହି ଘଟଣାକୁ ନେଇ ସମଗ୍ର ଜିଲ୍ଲାରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଥିବା ବେଳେ ରାଇବଣିଆ ଅଞ୍ଚଳରେ ଭୟ ସଞ୍ଚାର ହୋଇଛି। ଡକାୟତମାନେ ପଶ୍ଚିମବଙ୍ଗ ଚାଲିଯାଇଥିବା ଅନୁମାନ କରାଯାଉଛି।

# ୨ ସନ୍ତାନଙ୍କୁ ବିଷ ପିଆଇ ମା'ର ଆତ୍ମହତ୍ୟା

କେସିଂଗା, ୪।୫(ଇମିସ): ଏକଦା 'ଭୋକର ଭୂଗୋଳ' ପରିଚୟ ନେଇ ଅପଚର୍ଚିତ କଳାହାଣ୍ଡିରେ ଶନିବାର ଆଉ ଏକ ଅଭାବନୀୟ ଘଟଣା ଜନମାନସକୁ ଦୋହଲାଇ ଦେଇଛି। ଦାରିଦ୍ର୍ୟ ଯୋଗୁଁ କେସିଂଗା ଥାନା ମଶାଣିମୁଣ୍ଡା ଗାଁର ଏକ ପରିବାରରେ ଦୁଇ ସନ୍ତାନଙ୍କୁ ବିଷ ପିଆଇ ମା' ଆତ୍ମହତ୍ୟା କରିବା ଘଟଣା ଅଂଚଳରେ ଶିହରଣ ସୃଷ୍ଟି କରିଛି। ଏହି ଗାଁର ସାଧୁ ସାହୁଙ୍କ ପତ୍ନୀ ସୁବାସିନୀ (୩୫) ତାଙ୍କ ଝିଅ ପଦ୍ମା (୫) ଓ ପୁଅ ସୁମନ୍ତ (୧୪)ଙ୍କୁ ବିଷ ପିଆଇବା ପରେ ନିଜେ ବିଷ ପିଇ ଆତ୍ମହତ୍ୟା କରିଛନ୍ତି।

ପ୍ରକାଶ ଯେ ଶନିବାର ସକାଳେ ମଶାଣିମୁଣ୍ଡାର ସାଧୁ ସାହୁ ମୂଷାଧରା ଯନ୍ତ୍ର ବିକ୍ରି କରିବାକୁ ନର୍ଲା ବ୍ଲକ୍ ଅଞ୍ଚଳକୁ ଯାଇଥିଲେ। ଏହି ସମୟରେ ସୁବାସିନୀ ତାଙ୍କ ପୁଅ ଓ ଝିଅଙ୍କୁ ଖାଦ୍ୟରେ ବିଷ ମିଶାଇ ଖୁଆଇ ଦେଇଥିଲେ। ପରେ ସେ ନିଜେ ବିଷ ପିଇ ଦେଇଥିଲେ। ପିଛି ସମୟ ପରେ ବିଷକ୍ରିୟାରେ ସୁବାସିନୀ ଓ ତାଙ୍କ ଝିଅ ପଦ୍ମା ଗୁରୁତର ଅସୁସ୍ଥ ହୋଇ ଅଚେତ ହୋଇ ପଡ଼ିଥିଲେ। ପୁଅ ସୁମନ୍ତ ସଂକଟାପନ୍ନ ଅବସ୍ଥାରେ ଘର ଆଗରେ ବାନ୍ତି କରିଥିଲା। ଏହା ସାଇପଡ଼ିଶା ଲୋକେ ଦେଖି ଧାଇଁ ଆସିଥିଲେ। ମା'-ଝିଅ ମୁମୂର୍ଷୁ ଅବସ୍ଥାରେ ପଡ଼ି ରହିଥିବା ବେଳେ ଗାଁ ଲୋକେ ୩ ଜଣଙ୍କୁ କେସିଂଗା ଡାକ୍ତରଖାନାକୁ ଆଣିଥିଲେ। ଡାକ୍ତର ମା' ଓ ଝିଅଙ୍କୁ ମୃତ ଘୋଷଣା କରିବା ପରେ ପୁଅ ସଂକଟାପନ୍ନ ଥିବା ସୂଚନା ଦେଇଥିଲେ।

ଖବର ପାଇବା ପରେ ସାଧୁ କେସିଂଗା ଡାକ୍ତରଖାନାରେ ପହଞ୍ଚି ଦେଖିଲେ ତାଙ୍କ ପରିବାର ଉଜୁଡ଼ିଯାଇଛି। ସାଧୁଙ୍କ କହିବାନୁସାରେ ଗତ କିଛି ଦିନ ହେଲା ପରିବାର ଅଭାବ ଅନଟନରେ ଚଳୁଥିଲେ। ଆଜି ଯନ୍ତ୍ର ବିକ୍ରି କରିବାକୁ ଯାଇଥିବା ସମୟରେ ହଠାତ ସ୍ତ୍ରୀ ଏଭଳି ପଦକ୍ଷେପ ନେବେ ତାଙ୍କ ଚିନ୍ତା ବାହାରେ ଥିଲା।

## ଦାରିଦ୍ର୍ୟ

ଲୁହଭରା ଆଖି ଓ କୋହଭରା କଣ୍ଠରେ ସେ ବଖାଣିଥିଲେ ଗତ କିଛି ଦିନରେ ପରିବାରରେ ବିତିଥିବା ଦାରିଦ୍ର୍ୟର ଶେଷ ମୁହୂର୍ତ୍ତକୁ। ସାଧୁଙ୍କ ଜମିବାଡ଼ି କିଛି ନାହିଁ। ତାଙ୍କ ପାଖରେ ବିପିଏଲ୍ କାର୍ଡ ଅଛି। ହେଲେ ଟଙ୍କା ଅଭାବରୁ ଏହି କାର୍ଡରୁ ମିଳୁଥିବା ସୁବିଧା ସେ ଠିକ୍ ଭାବେ ପାଇ ପାରୁ ନଥିଲେ। ଅଭାବ ଅନଟନ ଯୋଗୁଁ ସେ ପରିବାର ଲୋକଙ୍କ ପେଟକୁ ଠିକ୍ ଭାବେ ଦାନା ଗଣ୍ଡାଏ ଦେଇ ପାରୁ ନଥିଲେ। ପ୍ରାୟ ସପ୍ତାହେ ହେଲା ଘରେ ଚାଉଳ ମୁଠାଏ ବି ନଥିଲା। ମୂଷାଧରା ଯନ୍ତ୍ର ବିକ୍ରି କରି ସେ କିଛି ରୋଜଗାର କରୁଥିଲେ। ଏବେ ଗ୍ରୀଷ୍ମର ଅସହ୍ୟ ଉତ୍ତାପ ଯୋଗୁଁ ତାଙ୍କ ରୋଜଗାର ବି ମାନ୍ଦା ଥିଲା।

ଏନେଇ ପୁଲିସ ଏକ ଅପମୃତ୍ୟୁ ମାମଲା କେସ୍ ନଂ ୩ ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଶବ ବ୍ୟବଚ୍ଛେଦ ଓ ହସ୍ତାନ୍ତର ପରେ ସାଧୁ ମା'-ଝିଅଙ୍କ ଶେଷକୃତ୍ୟ କରିଛନ୍ତି। ଘଟନା ସଂପର୍କରେ କଳାହାଣ୍ଡି ଜିଲ୍ଲାପାଳ ଗୋବିନ୍ଦଚନ୍ଦ୍ର ସେଠୀଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ ସେ ତଦନ୍ତ ରିପୋର୍ଟ ପରେ ଆବଶ୍ୟକ ସହାୟତା ପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଛନ୍ତି। ପ୍ରକାଶ ଯେ ୧୦ ବର୍ଷ ତଳେ ସାଧୁ ସାହୁଙ୍କୁ ଇନ୍ଦିରା ଆବାସ ଘର ଓ ବିପିଏଲ୍ କାର୍ଡ ମିଳିଛି। ଏନେଇ ସଂପୃକ୍ତ ପଞ୍ଚାୟତର ଇଓଙ୍କୁ

➥ ୭

## ୨ ସନ୍ତାନଙ୍କୁ ବିଷ ପିଆଇ ...

ପଚରାଯିବାରୁ ୨୦ ଦିନ ତଳେ ସାଧୁଙ୍କ ବିପିଏଲ୍ କାର୍ଡରେ ଚାଉଳ ଉଠିଥିବା ସେ ପ୍ରକାଶ କରିଛନ୍ତି । ଆଜି ଏହି ଚାଂଚଲ୍ୟକର ଓ କରୁଣ ଘଟନା ପରେ କେସିଂଗା ବ୍ଲକ୍ କର୍ତ୍ତୃପକ୍ଷଙ୍କ ଦେଖା ମିଳି ନଥିଲା । ବିଡିଓ ବିଶ୍ୱରଂଜନ ମଲିକଙ୍କ ଅନୁପସ୍ଥିତି ନେଇ କେତେକ ପ୍ରତିକ୍ରିୟା କରିଥିବା ବେଳେ ପ୍ରଶାସନ ତୁରନ୍ତ ସାଧୁ ସାହୁଙ୍କୁ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି । ସରକାର ବିପିଏଲ୍ଙ୍କ ପାଇଁ ଟଙ୍କିକିଆ ଚାଉଳ, ପିଡିଏସ୍ ବ୍ୟବସ୍ଥା ସମେତ ଅନ୍ୟ ଯୋଜନା ଆରମ୍ଭ କରିଥିଲେ ହେଁ ସାଧୁ ସାହୁଙ୍କ ଭଳି ଅନେକ ପରିବାର ଏହି ସୁବିଧାରୁ ବଂଚିତ ରହୁଛନ୍ତି ।

### କଳ୍ପତରୁ ଆଶ୍ରମରେ ଅଘଟଣ

# ଜଣେ ଛାତ୍ର ମୃତ, ୨ ଗୁରୁତର

ରାଉରକେଲା, ୫/୫ (ଇମିସ): ବାସନ୍ତୀ କଲୋନି ନିକଟସ୍ଥ ଦୁର୍ଗାପୁର ପାହାଡ଼ ଉପରେ ଥିବା କଳ୍ପତରୁ ଆଶ୍ରମରେ ଗତ ରାତିରେ ଅଜିତ ବାନ୍ଦିଆ (୬) ନାମକ ଜଣେ ଛାତ୍ରର ଅସ୍ୱାଭାବିକ ମୃତ୍ୟୁ ଘଟିଛି । ଏହାଛଡ଼ା ନନ୍ଦ କିଶୋର ସିଂହ (୧୨) ଓ ଅସିତ କୁଜୁର (୭) ନାମକ ଅନ୍ୟ ଦୁଇ ଛାତ୍ର ଗୁରୁତର ଆହତ ଅବସ୍ଥାରେ ଆଇଜିଏଚ୍‌ରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଛନ୍ତି । ଛାତ୍ରଙ୍କ ମୃତ୍ୟୁ ତଥା ଅସୁସ୍ଥତାର କାରଣ ସ୍ପଷ୍ଟ ହୋଇପାରି ନାହିଁ । ଡାକ୍ତରମାନେ ବିଷାକ୍ତ ସାପ କାମୁଡ଼ାରୁ ଏହା ହୋଇଥାଇପାରେ ବୋଲି ଆଶଙ୍କା କରୁଛନ୍ତି । ତେବେ ଶବ ବ୍ୟବଚ୍ଛେଦ ରିପୋର୍ଟରୁ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ସେମାନେ କହିଛନ୍ତି । ଖବର ପାଇ ସିଡବ୍ଲୁସି ଅଧ୍ୟକ୍ଷା ବବିତା ମହାପାତ୍ର ଆରଜିଏଚ୍‌ରେ ପହଂଚି ମୃତ ଛାତ୍ରଙ୍କୁ ଦେଖିବା ସହ ଅନ୍ୟ ୨ ଛାତ୍ରଙ୍କୁ ଆଇଜିଏଚ୍ ପଠାଇବାର ବ୍ୟବସ୍ଥା କରିଥିଲେ । ପରେ ସେ ଆଶ୍ରମରେ ପହଂଚି କେଉଁ ପରିସ୍ଥିତିରେ ଏଭଳି ଅଘଟନ ଘଟିଲା ତାର ତଦନ୍ତ ଚଳାଇଥିବା ପ୍ରକାଶ ।

ପ୍ରତିଦିନ ଭଳି ଗତ ରାତିରେ ଆଶ୍ରମରେ ଥିବା ପ୍ରାୟ ୪୫ ଜଣ ଛାତ୍ର ଖାଇ ସାରି ଶୋଇବାକୁ ଯାଇଥିଲେ । ରାତି ପ୍ରାୟ ୧୧ଟା ବେଳେ ଅଜିତ, ନନ୍ଦକିଶୋର ଓ ଅସିତ ନିଦରୁ ଉଠି ପାଇଖାନାକୁ ଯାଇଥିଲେ । ସେମାନେ ପାଇଖାନାରୁ ଫେରିବା ପରେ ହଠାତ୍ ଥରିବାକୁ ଲାଗିଥିଲେ । ଅସୁସ୍ଥ ଛାତ୍ରଙ୍କୁ ଦେଖି ଆଶ୍ରମ ପରିଚାଳକ ଅଶୋକ ସ୍ୱାଇଁ ସେମାନଙ୍କୁ ଆଶ୍ରମ ପରିସରରେ ଥିବା ଅଖଣ୍ଡ ନାମ ମଣ୍ଡପକୁ ନେଇ ଯାଇଥିଲେ । ସେଠାରେ ନାମ ସଂକୀର୍ତ୍ତନ ଓ ଝଡ଼ାଫୁଙ୍କା ପରେ ଛାତ୍ରମାନଙ୍କୁ ଶୋଇବାକୁ ପଠାଇ ଦିଆଯାଇଥିଲା । ତେବେ ଅଜିତ ଓ ଅସିତ ଯନ୍ତ୍ରଣାରେ ଖୁବ୍ ଜୋର୍‌ରେ ଚିତ୍କାର କରିଥିଲେ । ସକାଳେ ୩ ଅସୁସ୍ଥ ଛାତ୍ରଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନ


ମୃତ ଛାତ୍ର ଅଜିତ

(ଆରଜିଏଚ)କୁ ଅଣାଯାଇଥିଲା । ତେବେ ସେଠାରେ ଡାକ୍ତର ଅଜିତଙ୍କୁ ମୃତ ଘୋଷଣା କରିଥିଲେ । ଅନ୍ୟ ୨ ଛାତ୍ର ଅସିତ ଓ ନନ୍ଦକିଶୋରଙ୍କ ଅବସ୍ଥା ଉଦ୍‌ବେଗଜନକ ଥିବାରୁ ସେମାନଙ୍କୁ ରାଉରକେଲା ଇସ୍ପାତ ଜେନେରାଲ୍ ହସ୍ପିଟାଲ (ଆଇଜିଏଚ)କୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଛାତ୍ର ଦ୍ୱୟଙ୍କୁ ଆଇସିୟୁରେ ରଖି ଚିକିତ୍ସା କରାଯାଉଛି । ସେମାନଙ୍କ ମଧ୍ୟରୁ ଅସିତଙ୍କ ଅବସ୍ଥା ଅଧିକ ଉଦ୍‌ବେଗଜନକ ରହିଛି । ଏ ସମ୍ପର୍କରେ ଆରଜିଏଚ୍‌ର ଶିଶୁରୋଗ ବିଶେଷଜ୍ଞ ଡା. ପ୍ରଶାନ୍ତ ପାତ୍ରଙ୍କ ସହ ଯୋଗାଯୋଗ କରାଯିବାରେ ସେ କହିଥିଲେ, ପିଲାମାନଙ୍କ ଲକ୍ଷଣରୁ ଏହା ସାପ କାମୁଡ଼ା ବୋଲି ଜଣାପଡୁଥିଲା । ତେବେ ଦୁଦୁରା ଭଳି କୌଣସି ବିଷାକ୍ତ ଫଳ ହୁଏତ ସେମାନେ ଖାଇଥାଇ ପାରନ୍ତି । ଡାକ୍ତରଖାନାରେ ପହଂଚିବା ବେଳକୁ ସେମାନଙ୍କ ପାଟି ଓ ନାକରୁ ଫେଣ ଭଳି ବାହାରୁଥିଲା । ମୃତ ଅଜିତଙ୍କ ଶବ ବ୍ୟବଚ୍ଛେଦରୁ ପ୍ରକୃତ କାରଣ ଜଣାପଡ଼ିବ ବୋଲି ଡା. ପାତ୍ର କହିଥିଲେ । ସେହିଭଳି ଆଇଜିଏଚ୍‌ର ନିର୍ଦ୍ଦେଶକ ଡା. ସରୋଜକାନ୍ତି ମିଶ୍ରଙ୍କୁ ପଚରାଯିବାରେ ସେ କହିଲେ ଯେ ସାପ କାମୁଡ଼ା ଯୋଗୁଁ ଏଭଳି ଘଟଣା ଘଟି ଥାଇପାରେ । ଆହତ ଦୁଇ ଛାତ୍ରଙ୍କୁ ଆଇସିୟୁରେ ରଖାଯାଇ ଚିକିତ୍ସା କରାଯାଉଛି । ବର୍ତ୍ତମାନ ସୁଦ୍ଧା ସେମାନେ ବିପଦମୁକ୍ତ ନୁହଁନ୍ତି ବୋଲି ସେ କହିଥିଲେ । ଏଭଳି ଅଘଟଣ ସମ୍ପର୍କରେ କଳ୍ପତରୁ ଆଶ୍ରମର ପ୍ରତିଷ୍ଠାତା ପର୍ଶୁରାମ ପଣ୍ଡାଙ୍କୁ ପଚରାଯିବାରେ ସେ କହିଲେ ଯେ ସେ ଗତକାଲି ସୁନ୍ଦରଗଡ଼ ଆଶ୍ରମରେ ଥିଲେ । ଖବର ପାଇ ଆଜି ଅପରାହ୍ଣରେ ଆସି ପହଂଚିଲେ । ମୃତ ଅଜିତଙ୍କ ଘର ମୟୂରଭଂଜ ଜିଲ୍ଲା ଠାକୁରମୁଣ୍ଡା ଜାମୁନାଳିଆ ଗାଁରେ । ତା'ର ବାପାଙ୍କ ନାମ ରାଧାଶ୍ୟାମ ବାନ୍ଦିଆ ବୋଲି ଜଣାପଡ଼ିଛି । ଗତ ୧ ତାରିଖ ଦିନ ତାଙ୍କ ବାପା ଆଶ୍ରମରେ ତାଙ୍କୁ ଛାଡ଼ି ଯାଇଥିଲେ । ଅସିତ ଆଶ୍ରମ ପରିସରରେ ଥିବା ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରେ ପଢୁଥିବା ବେଳେ ନନ୍ଦକିଶୋର ଛେଣ୍ଡ କଲୋନି ସ୍ଥିତ ରାମକୃଷ୍ଣ ମିସନ ହାଇସ୍କୁଲର ଷଷ୍ଠ ଶ୍ରେଣୀରେ ପଢୁଥିଲେ ।

# ଆନ୍ଧ୍ର ଚାଲାଣ ବେଳେ ୪ ନାବାଳିକା ଷ୍ଟେସନରୁ ଉଦ୍ଧାର, ଦଲାଲ ଗିରଫ

ବାଲେଶ୍ୱର,୫/୫(ଇମିସ):କାମ ଦେବାର ଲୋଭ ଦେଖାଇ ଆନ୍ଧ୍ରପ୍ରଦେଶକୁ ନିଆଯାଉଥିବା ୪ ଜଣ ନାବାଳିକାଙ୍କୁ ବାଲେଶ୍ୱର ଚାଇଲ୍ଡ ଲାଇନ ଜିଆରପି ସହାୟତାରେ ଆଜି ବାଲେଶ୍ୱର ରେଳଷ୍ଟେସନ୍‌ରୁ ଉଦ୍ଧାର କରିଛି। ଏହି ଚାଲାଣରେ ଦଲାଲ ଭାବେ କାର୍ଯ୍ୟ କରିଥିବା ଗଞ୍ଜାମ ଜିଲ୍ଲାର ଜଣେ ଯୁବକଙ୍କୁ ଗିରଫ କରାଯାଇଛି। ଉଦ୍ଧାର ନାବାଳିକାମାନଙ୍କୁ ନାରୀସଂଘରେ ଛଡ଼ାଯାଇଛି।




ଗଞ୍ଜାମ ଜିଲ୍ଲା କୋଦଳା ଗ୍ରାମର ଦିଗପଡ଼ା ଗ୍ରାମର ଦିବାକର ଦାସ ନୀଳଗିରି ବ୍ଲକରୁ ୩ ଜଣ ଓ ମୟୂରଭଂଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକରୁ ଜଣେ ନାବାଳିକାଙ୍କୁ ଆନ୍ଧ୍ରପ୍ରଦେଶର ନାଲୋରସ୍ଥିତ ଷ୍ଟାର ଏଗ୍ରୋ ଚିଙ୍ଗୁଡ଼ି କାରଖାନାରେ କାମ କରିବା ପାଇଁ ନେଇଯାଉଥିଲେ। ଆଜି ଫଲକନାମା ଟ୍ରେନରେ ଯିବା ପାଇଁ ନାବାଳିକାମାନଙ୍କ ସହିତ ଦିବାକର ଷ୍ଟେସନରେ ଅପେକ୍ଷା କରିଥିଲେ। ଏତିକିବେଳେ ସେଠାରେ ଅନ୍ୟ କାରଣରୁ ଉପସ୍ଥିତଥିବା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଇତିଶ୍ରୀ ମହାପାତ୍ର ସେମାନଙ୍କୁ ଦେଖିଥିଲେ। ସନ୍ଦେହ ହେବାରୁ ସେ ଜିଆରପିଙ୍କୁ ଖବର ଦେଇଥିଲେ। ରେଳବାଇ ପୁଲିସ ନାବାଳିକାମାନଙ୍କୁ ଉଦ୍ଧାର କରିବା ସହିତ ଦିବାକରଙ୍କୁ ଅଟକ ରଖି ପଚରାଉଚୁରା କରିଥିଲା।ଖବରପାଇ ଜିଲ୍ଲା ଶିଶୁ ମଙ୍ଗଳର ସଦସ୍ୟ ପ୍ରଭାକର ସାହୁ ଓ ଚାଇଲ୍ଡ ଲାଇନର ନିର୍ଦ୍ଦେଶକ ଗୋପାଳକୃଷ୍ଣ କର ସେଠାରେ ପହଞ୍ଚିଥିଲେ। ଦିବାକରଙ୍କ ବିରୋଧରେ ଶ୍ରୀ କର ଏତଲା ଦେଇଛନ୍ତି। ଏ ବାବଦରେ ୧୪/୨୦୧୩ ନମ୍ବରରେ ମାମଲା ରୁଜୁ କରାଯିବା ସହିତ ଦିବାକରଙ୍କୁ ଗିରଫ କରାଯାଇଛି।

# ଆବାସିକ ବିଦ୍ୟାଳୟରେ ଛାତ୍ରଙ୍କୁ ଯୌନ ନିର୍ଯାତନା ଅଭିଯୋଗ

ଭୁବନେଶ୍ୱର,୫।୫(ଇମିସ): ଚନ୍ଦ୍ରଶେଖରପୁର ଥାନା ଅଧୀନ ଶୈଳଶ୍ରୀବିହାରରେ ଥିବା ଏକ ଆବାସିକ ବିଦ୍ୟାଳୟରେ ରହୁଥିବା ଛାତ୍ରମାନଙ୍କୁ ଯୌନ ନିର୍ଯାତନା ଦିଆ ଯାଉଥିବା ଅଭିଯୋଗ ହୋଇଛି । ଆଜି ଜଣେ ଛାତ୍ର ଏଭଳି ଅଭିଯୋଗ କରିବା ପରେ ଘଟଣା ପଦାକୁ ଆସିଛି । ଅଭିଯୋଗ କରିଥିବା ଛାତ୍ରଙ୍କ ଘର ପୁରୀ ଜିଲ୍ଲା ଡେଲାଙ୍ଗ ଥାନା ବୀରପୁରୁଷୋତ୍ତମପୁରରେ । ଏଠାରେ ସେ ଦଶମ ଶ୍ରେଣୀରେ ପଢୁଥିଲେ । ସବୁ ଦିନ ଭଳି ରାତିରେ ହଷ୍ଟେଲ୍‌ରେ ରହୁଥିବା ଛାତ୍ରମାନଙ୍କୁ ଧୋତି ପିନ୍ଧିବାକୁ ନିର୍ଦ୍ଦେଶ ଥିଲା । ଗତକାଲି ଛାତ୍ର ଜଣକ ଶୋଇଥିବାବେଳେ ଜନୈକ ଗୁରୁ ମଶୁରି ଭିତରକୁ ପଶି ଉକ୍ତ ଛାତ୍ରଙ୍କୁ ଯୌନ ନିର୍ଯାତନା ଦେଇଥିଲେ । ଏ ନେଇ ଛାତ୍ର ଜଣକ ଆଜି ସକାଳୁ ନିଜ ମା'ଙ୍କୁ ଖବର ଦେବା ପରେ ମା' ଭୁବନେଶ୍ୱରରେ ପହଞ୍ଚି ସ୍କୁଲ୍ କର୍ତ୍ତୃପକ୍ଷଙ୍କୁ ଖୋଜାଖୋଜି କରିଥିଲେ । ତେବେ ଆଜି ରବିବାର ଥିବାରୁ ସେ ସ୍କୁଲ୍ କର୍ତ୍ତୃପକ୍ଷଙ୍କୁ ସାକ୍ଷାତ କରି ପାରି ନ ଥିଲେ । ହଷ୍ଟେଲ୍ ବୁଝାସୁଝା କରୁଥିବା ଜଣେ କର୍ମଚାରୀ ଛାତ୍ରଙ୍କ ମା'ଙ୍କୁ ବୁଝାସୁଝା କରି ଛାଡ଼ି ଦେଇଛନ୍ତି । ଉକ୍ତ ଛାତ୍ର ଜଣକ କହିଛନ୍ତି ସଂପୃକ୍ତ ଗୁରୁ ଜଣକ ବିଭିନ୍ନ ସମୟରେ ଛାତ୍ରମାନଙ୍କୁ ଏଭଳି ନିର୍ଯାତନା ଦେଉଛନ୍ତି । ଫଳରେ ହଷ୍ଟେଲ୍‌ରେ ରହୁଥିବା ୧୮ ଜଣ ଛାତ୍ରଙ୍କ ମଧ୍ୟରୁ କେବଳ ୩ ଜଣ ଛାତ୍ର ଏବେ ରହୁଛନ୍ତି । ତେବେ ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ ।

# ପଥର ଫଟାରେ ବିତୁଛି ଶୈଶବ



ଓଡ଼ଗାଁ, ୧୩।୫ (ଇମିସ): ପାହାଡ଼ ଜଙ୍ଗଲ ଘେରା ନୟାଗଡ଼ ଜିଲ୍ଲାରେ ପଥର ଫଟେଇ ଜୀବିକା ନିର୍ବାହ କରୁଥିବା ଶହ ଶହ ଶ୍ରମିକଙ୍କର ସମସ୍ୟା ପ୍ରତି କାହାର ନଜର ନାହିଁ । ଫଳରେ କଳା ମୁଗୁନି ପଥରରେ ବିଭିନ୍ନ ଗୃହୋପକରଣ ସାମଗ୍ରୀ ନିର୍ମାଣ କରି ଜୀବିକା ନିର୍ବାହ କରୁଥିବା ଜିଲ୍ଲାର ଶହ ଶହ ପଥର କାରିଗର ପରିବାର ଏବେ ନାହିଁ ନଥିବା ଦୁର୍ଦ୍ଦଶାରେ ସମୟ କାଟୁଛନ୍ତି । ଦିନକୁ ଦିନ ବଜାରରେ ଇଲେକ୍‌ଟ୍ରୋନିକ୍ସ ସାମଗ୍ରୀର ଚାହିଦା ବୃଦ୍ଧି ପାଉଥିବାରୁ ଏ ପରିବାରଗୁଡ଼ିକ ନିଜ କୌଳିକ ବୃତ୍ତିକୁ ଆଦରି କିଭଳି ପରିବାର ଭରଣପୋଷଣ କରିବେ ତାହାକୁ ନେଇ ଚିନ୍ତାରେ ପଡ଼ିଛନ୍ତି ।

ନୟାଗଡ଼ ଜିଲ୍ଲାରେ ନୟାଗଡ଼ ବ୍ଲକ୍‌ର ଭାଟସାହି, ମାଙ୍କଡ଼ାପଲ୍ଲୀ, ଚଣ୍ଡୀବସ୍ତ, ଖମାରସାହି, ଖୁଣ୍ଟୁବନ୍ଧ, ଜାମୁସାହି, ସୁକରମଲ, କାଳିକାପ୍ରସାଦ, ସିନ୍ଦିରିଆ, ମଜୁରିଆପଲ୍ଲୀ, ନରସିଂହପ୍ରସାଦ, ନାଗପୁର, ଓଡ଼ଗାଁ ବ୍ଲକ୍‌ର ଓଡ଼ଗାଁ, ଶରଧାପୁର, ମଦନପୁର, ଢୋଲମସ୍କା, କଲ୍ୟାଣପୁର, ଶରଣକୁଳ, ହରିହରପୁର, ଦଶପଲ୍ଲାର ପଞ୍ଚୁପାଣ୍ଡବ ପାହାଡ଼ ପାଖ ଗାଁ, ନୂଆଗାଁ ବ୍ଲକ୍‌ର ମହିତମା, ଖଣ୍ଡପଡ଼ା, ଯୋଗିଆପଲ୍ଲୀ, ରଣପୁର ବ୍ଲକ୍ ଅନ୍ତର୍ଗତ ମୟୂରଝାଲିଆ, ନରସିଂହପୁର, ଖଇରପଲ୍ଲୀ, କୁଳାସର, ତାରିଆକାଲିଆ, କୋଟଗଡ଼ ଆଦି ଅଞ୍ଚଳର ଶହ ଶହ ଶ୍ରମିକ ପରିବାର ଏବେ ନିଜ ବୃତ୍ତିକୁ ନେଇ ଚିନ୍ତାରେ ।

ପାହାଡ଼ଗୁଡ଼ିକରୁ ପଥର ଫଟାଇବା ପାଇଁ ନିଲାମ ନେଉଥିବା ଠିକାଦାରମାନେ ଡିନାମାଇଟ୍ ଲଗାଇ ପାହାଡ଼ ଭାଙ୍ଗିଥାନ୍ତି । ସେମାନଙ୍କ ଠାରୁ ପଥରଖଣ୍ଡ କିଣି ଏହି ପରିବାରଗୁଡ଼ିକର ପୁରୁଷ, ମହିଳା ଓ ପିଲାମାନେ ମିଶି ଶିଳ, ପେଷଣା, ଚକି, ଖାଲ, ଜଳଯନ୍ତ୍ର ଆଦି ଘରୋଇ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ତିଆରି କରିଥାନ୍ତି । ଆଉ ଏହାକୁ ବିକ୍ରି କରି ନିଜ ପରିବାରର ଗୁଜୁରାଣ ମେଣ୍ଟାଇଥାନ୍ତି । ଦିନକୁ ଦିନ ସମୟ ପରିବର୍ତ୍ତନ ହେବା ସହିତ ଆଧୁନିକ ଯୁଗରେ ଏବେ ମହିଳାମାନେ ଆଉ ଘର ରୋଷେଇ କାର୍ଯ୍ୟ ପାଇଁ ଏହି ପଥର ସାମଗ୍ରୀ ପ୍ରତି ମନ ବଳାଉନଥିବା ଦେଖିବାକୁ ମିଳୁଛି । ବଜାରରେ ମିଳୁଥିବା ଗ୍ରାଇଣ୍ଡର ଭଳି ଇଲେକ୍‌ଟ୍ରୋନିକ୍ସ ସାମଗ୍ରୀରେ କାମ କରିବାକୁ ପରିଶ୍ରମ ପଡୁନଥିବାରୁ ଏହି ସାମଗ୍ରୀ ପ୍ରତି ସେମାନେ ଆଗ୍ରହ ପ୍ରକାଶ କରୁଛନ୍ତି । ଶିଳ, ପେଷଣା ଓ ଚକିର ସ୍ଥାନ ଏବେ ଗ୍ରାଇଣ୍ଡର ନେଇଥିବା ବେଳେ ଏହି ପରିବାରଗୁଡ଼ିକର ଜୀବନ ଜୀବିକା ଏବେ ପ୍ରଭାବିତ ହୋଇଛି । ଗତ ୫ ବର୍ଷ ମଧ୍ୟରେ ନୟାଗଡ଼ ଜିଲ୍ଲାର ହଜାର ହଜାର ପରିବାର ଏହି କୌଳିକ ବୃତ୍ତିକୁ ଛାଡ଼ି ଅନ୍ୟ ବୃତ୍ତିକୁ ଆପଣେଇବାକୁ ବାଧ୍ୟ ହେଉଛନ୍ତି । ପାହାଡ଼ରୁ ବଡ଼ ବଡ଼ ପଥରଖଣ୍ଡ ନେଇ ଶ୍ରମିକମାନେ ଏକ ହାତୁଡ଼ିରେ ପିଟିପିଟି ଭାଙ୍ଗି ଚିପ୍‌ସ ଓ ମେଟାଲ୍ କରିଥାନ୍ତି । ଏହି ଚିପ୍‌ସ ଓ ମେଟାଲ୍‌କୁ ନେଇ ଠିକାଦାରମାନେ ରାସ୍ତା କାମ ଓ କୋଠାଘର ନିର୍ମାଣରେ ବ୍ୟବହାର କରିଥାନ୍ତି । ଦୈନିକ ଜଣେ କୁଶଳୀ ଶ୍ରମିକ ୨୦ ଟିଣ ମେଟାଲ୍ ପ୍ରସ୍ତୁତ କରୁଥିବା ବେଳେ ଜଣେ ମହିଳା ୧୦ ଟିଣ ଓ ଶିଶୁ ଶ୍ରମିକ ୫ ଟିଣ ମେଟାଲ୍ ଫଟାଇଥାନ୍ତି । ତେବେ ଠିକାଦାରମାନେ ସେମାନଙ୍କୁ ଆବଶ୍ୟକ ପାରିଶ୍ରମିକ ଦେଉନାହାନ୍ତି । ଠିକାଦାରଙ୍କ ମର୍ଜିରେ କାମ କରୁଥିବାରୁ ଯାହା ମଜୁରୀ ମିଳେ ସେତିକି ନେଇ ଶ୍ରମିକ ପାଟି ଫିଟାଏ ନାହିଁ । ପାଟି ଫିଟାଇଲେ କାମ ନ ମିଳିବାର ଆଶଙ୍କା ବି ରହିଛି । ସେହିପରି ଗୋଟିଏ ଶିଳ ତିଆରି କରିବାକୁ ୨ ଦିନ ସମୟ ଲାଗୁଥିବା ବେଳେ ଏହାକୁ ବିକ୍ରି କଲେ ୮୦ରୁ ୯୦ ଟଙ୍କା ମିଳେ । ଆଉ ଏଥିରେ ପରିବାର ଚଳାଇବା କଷ୍ଟକର ବୋଲି ଶେଖ୍ ନାଦୁ (୬୫) ନାମକ ଜଣେ ପଥର କାରିଗର କହିଛନ୍ତି ।

ସ୍ୱାସ୍ଥ୍ୟ ଖରାପ ହେଲେ ଦୁଇ ଓଳି ଖାଇବା ଏମାନେ ଭାଗ୍ୟରେ ଜୁଟେ ନାହିଁ । ଖରା, ବର୍ଷା, ଶୀତକୁ ଖାତିର ନ କରି ପେଟ ପାଇଁ ଗୋଟିଏ ଗରିବ ପରିବାରର ବାପା, ମାଆ, ପୁଅ, ଝିଅ ପଥର ଫଟାରେ ସାରା ଦିନ ବିତାଇଥାନ୍ତି । ବର୍ଷ ବର୍ଷ ଧରି ଏହି ପାରମ୍ପରିକ ପ୍ରଣାଳୀରେ ପଥର କାମ କରୁଥିବା ଶ୍ରମିକମାନେ ପାହାଡ଼ ନିଲାମ ଧରିଥିବା ଠିକାଦାରଙ୍କ ନିକଟରେ ଏକପ୍ରକାର ବନ୍ଧା ପଡ଼ିଛନ୍ତି । ଏହି ପରିବାରଗୁଡ଼ିକର ସମସ୍ୟା ପ୍ରତି ଜିଲ୍ଲା ପ୍ରଶାସନ ଓ ଶ୍ରମ ବିଭାଗ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।

### ଆଠ ଘଣ୍ଟା ପରେ ଚିକିତ୍ସା ପାଇଥିଲେ

# ବଡ଼ମେଡିକାଲରେ ଆଖି ବୁଜିଲେ ତରିନୁ

କଟକ,୧୪।୫(ଇମିସ): ଗତ ଏପ୍ରିଲ ୧୭ ତାରିଖରୁ କଟକ ବଡ଼ମେଡିକାଲର ବର୍ଣ୍ ୱାର୍ଡର ୧୨ନଂ ବେଡ୍‌ରେ ଚିକିତ୍ସାଧୀନ ତରିନୁ ବେଗମ(୧୧)ଙ୍କର ଆଜି ସକାଳେ ମୃତ୍ୟୁ ଘଟିଛି। ଚିକିତ୍ସା ପାଇଁ ଆବଶ୍ୟକ ଔଷଧ ମିଳିନଥିବାରୁ ତରିନୁଙ୍କ ମୃତ୍ୟୁ ଘଟିଥିବା ନେଇ ତାଙ୍କ ବାପା ସେକ୍ ଜାହିର ଅଭିଯୋଗ କରିଛନ୍ତି। ଦୀର୍ଘ ୮ ଘଣ୍ଟା କାଳ ବିଭିନ୍ନ ମେଡିକାଲ୍ ବୁଲି ନିରାଶ ହୋଇ ଶେଷରେ ବଡ଼ମେଡିକାଲରେ ଭର୍ତି ହୋଇଥିବା ତରିନୁଙ୍କୁ ପ୍ରଥମ କିଛି ଦିନ ମେଡିକାଲ୍ କର୍ତୃପକ୍ଷ ଡାକ୍ତରୀ ପରାମର୍ଶ ମୁତାବକ ଔଷଧ ଦେଇଥିବା ବେଳେ ପରବର୍ତୀ ସମୟରେ ଏଥିରେ ଅବହେଳା କରିଥିଲେ। ତରିନୁଙ୍କ ସମସ୍ତ ଚିକିତ୍ସା ମାଗଣାରେ କରାଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶ ଦେଇଥିଲେ ହେଁ ତରିନୁଙ୍କୁ ଆବଶ୍ୟକ ଔଷଧ ମିଳୁନଥିବା ତାଙ୍କ ବାପା ଅଭିଯୋଗ କରିଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ ଦୀର୍ଘ ୮ ଘଣ୍ଟା ଯନ୍ତ୍ରଣାରେ ଛଟପଟ ହୋଇ ୩ଟି ମେଡିକାଲରେ ଆଡମିସନ୍ ନ ପାଇ ଫେରିଯାଇଥିବା ତରିନୁଙ୍କ ବାପା ନବୀନ ନିବାସ ସମ୍ମୁଖରେ ଧାରଣା ଦେବା ପରେ ତାଙ୍କୁ କଟକ ବଡମେଡିକାଲ୍‌ରେ ଆଡମିସନ୍ ମିଳିଥିଲା। ତରିନୁଙ୍କ ସମସ୍ତ ଚିକିତ୍ସା ମାଗଣାରେ ହେବ ବୋଲି ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ପ୍ରଥମ ୭ ଦିନ ଠିକ୍ ଚିକିତ୍ସା ଓ ଆବଶ୍ୟକ ଔଷଧ ଦିଆଯାଇଥିବା ବେଳେ ପରେ ତାଙ୍କୁ ଅଣଦେଖା କରାଯାଇଥିବା ଅଭିଯୋଗ ହୋଇଛି।

ପିପିଲି ନରସିଂହପୁର ଅଞ୍ଚଳର ତରିନୁ ୧୬ ତାରିଖ ସକାଳ ସାଢେ ୧୦ଟା ବେଳେ ଦୁଇ ଭାଇ ଓ ବାପାଙ୍କ ପାଇଁ ତରକାରି ଗରମ କରିବାକୁ କିରାସିନ ଢାଳି ଚୁଲି ଲଗାଉଥିବା ବେଳେ ତାଙ୍କ ଦେହରେ ନିଆଁ ଲାଗିଯାଇଥିଲା। ତରିନୁଙ୍କୁ ପ୍ରଥମେ ପିପିଲି ମେଡିକାଲ୍‌କୁ ନିଆଇଥିଲା। ସେଠାରେ ଆବଶ୍ୟକ ସାଲାଇନ୍ ମଲମ ଲଗାଇ ଦେଇ କ୍ୟାପିଟାଲ ହସ୍ପିଟାଲ୍‌କୁ ପଠାଇ ଦିଆଯାଇଥିଲା। କ୍ୟାପିଟାଲ୍ ହସ୍ପିଟାଲ ତୁରନ୍ତ ତାଙ୍କୁ କଟକ ବଡମେଡିକାଲ୍‌କୁ ସ୍ଥାନାନ୍ତର କରିଥିଲେ। କଟକ ବଡ଼ମେଡିକାଲ୍ ତରିନୁଙ୍କୁ ଶିଶୁ ଭବନ ନେବାକୁ ପରାମର୍ଶ ଦେଇଥିଲେ। ଶିଶୁ ଭବନରେ ପୋଡା ରୋଗୀଙ୍କ ପାଇଁ ଚିକିତ୍ସା ସୁବିଧା ନାହିଁ କହି ତାଙ୍କୁ କଟକ ବଡ଼ମେଡିକାଲ୍ ନେବାକୁ କୁହାଯାଇଥିଲା। କଟକ ବଡ଼ମେଡିକାଲ୍‌ରେ ତରିନୁଙ୍କୁ ଚିକିତ୍ସା ମିଳି ନଥିଲା। ପରେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା। ମାତ୍ର ସେଠାରେ ମଧ୍ୟ ଆଡମିସନ୍ ମିଳି ନଥିଲା। ଶେଷରେ ସେକ୍ ଜାହିର ନବୀନ ନିବାସ ନିକଟରେ ଧାରଣାରେ ବସିଥିଲେ। ସେଠାରୁ ପୁଲିସ ସହାୟତାରେ ତାଙ୍କୁ କ୍ୟାପିଟାଲ୍ ହସ୍ପିଟାଲ୍ ଓ ପରେ କଟକ ବଡ଼ମେଡିକାଲରେ ଆଡମିସନ୍ ମିଳିଥିଲା।

## ପୁଲିସ ରୋଷର ଶିକାର

# ୬ ଶିଶୁଙ୍କ ସହ ୧୪ ମହିଳା ୨୪ ଘଣ୍ଟା ଅଟକ



ଭଞ୍ଜନଗର,୩୦।୪(ଇମିସ): ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଉପଖଣ୍ଡ ତାରସିଂ ଥାନା ଅନ୍ତର୍ଗତ ଉଲୁଦନ ଗ୍ରାମ ହରିଜନ ସାହିରେ ଜଣେ ନାବାଳକକୁ ଉଠାଇ ଆଣିବାକୁ ନେଇ ଗତକାଲି ପୁଲିସ ଓ ଗ୍ରାମବାସୀଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା। ଗ୍ରାମର ଶତାଧିକ ପୁରୁଷ ଠେଙ୍ଗାରେ ପୁଲିସ ବାହିନୀ ଉପରେ ଆକ୍ରମଣ କରିଦେଲେ। ପୁଲିସ ଆତ୍ମ ଗୁଳି ଚଳାଗଲା। ଥାନା ଅଧିକାରୀଙ୍କ ଗୁଳି ମାଡ଼ରେ ଜଣେ ଗ୍ରାମବାସୀ ଆହତ ହେଲେ। ଏଣେ ଗ୍ରାମବାସୀଙ୍କ ଆକ୍ରମଣରେ ଥାନା ଅଧିକାରୀଙ୍କ ସମେତ ଛଅ ଜଣ ପୁଲିସ କର୍ମଚାରୀ ଆହତ ହେଲେ। ପୁଲିସ ବାହିନୀ ଫେରି ଆସିଲେ। କିନ୍ତୁ ଘଟଣା ଘଟିବାର ମାତ୍ର କେଇ ଘଣ୍ଟା ପରେ ଅଧିକ ଫୋର୍ସ ନେଇ ଗାଁରେ ପଶିଲା ପୁଲିସ। ପାଲଟା ଆକ୍ରୋଶର ପରିଣାମ ସ୍ୱରୂପ ପୁରୁଷଶୂନ୍ୟ ହୋଇ ପଡ଼ିଥିବା ଗାଁରେ ଘରେ ଘରେ ପଶି ମହିଳାମାନଙ୍କୁ ବି ଟେକି ଆଣିଲା। ଗତ ରାତିରୁ ଆଜି ରାତି ୨୪ ଘଣ୍ଟା ହେଲାଣି ୧୪ ମହିଳା, ଜଣେ ନାବାଳକ, ଦୁଇ ପୁରୁଷଙ୍କୁ ଥାନାରେ ଅଟକ ରଖାଯାଇଛି। ତେବେ ପୁଲିସ ଆକ୍ରୋଶର ସବୁଠାରୁ ଅମାନବୀୟ ଦିଗଟି ହେଲା ୨୪ ଘଣ୍ଟା ହେଲା ଥାନା ପରିସରରେ ଅଟକ ରଖା ଯାଇଥିବା ମହିଳାଙ୍କ ସହ ଜଣେ ୪ ମାସର ଗର୍ଭବତୀ ମହିଳା, ଏକ ଛଅ ମାସର ଶିଶୁକୁ କୋଳରେ ଧରିଥିବା ମାଆ, ଆଉ ପାଞ୍ଚ ଛୋଟ ଶିଶୁ ବି ସେମାନଙ୍କ ମାଆମାନଙ୍କ ସହିତ ଥାନାରେ ଅଟକ ରହିଛନ୍ତି। ମାନବାଧିକାରର ସୁରକ୍ଷା ତ ଦୂର କଥା ପୁରୁଷଙ୍କୁ ନପାଇ ମାନବିକତା ହରାଇ ଦେଇଥିବା ପୁଲିସ ପ୍ରତିଶୋଧ ପରାୟଣ ହୋଇ ଏଭଳି ଅମାନବୀୟ କାମ ବି କରିବାକୁ ପଛାଇ ନାହାନ୍ତି।

ଗତକାଲିର ଘଟଣା ପରେ ପୁଲିସ ପକ୍ଷରୁ ଉକ୍ତ ଗ୍ରାମର ଜଣେ ନାବାଳକ, ଦୁଇ ଜଣ ପୁରୁଷ ଓ ୧୪ ଜଣ ମହିଳାଙ୍କୁ ଉଠାଇ ଅଣାଯାଇଛି । ଏହି ମହିଳାଙ୍କ ମଧ୍ୟରେ ଜଣେ ଗର୍ଭବତୀ ମହିଳା ଥିବା ବେଳେ ଅନେକ ମହିଳାଙ୍କ ଛୋଟ ଛୋଟ ଛୁଆ ଗାଁରେ ରହି ଯାଇଥିବା ଅଭିଯୋଗ ହୋଇଛି । ମହିଳାଙ୍କ ସହ ଥିବା ୬ ଟି ଛୁଆ ମଧ୍ୟ ଥାନା ଏବେ ହାଜତରେ। ଗତ କାଲି ଏହି ମହିଳା ଓ ପୁରୁଷଙ୍କୁ ପ୍ରଥମେ ତାରସିଂ ଥାନାରେ ରଖାଯିବା ପରେ ଆଜି ଭଞ୍ଜନଗର ଥାନାକୁ ଅଣାଯାଇ ପଚରାଉଚୁରା କରାଯାଉଛି । ସମ୍ଭବତଃ ଏସମସ୍ତଙ୍କୁ ପୁଲିସ ଉପରେ ଆକ୍ରମଣ ଓ ସର୍ଭିସ୍ ରିଭଲ୍‌ଭର୍ ଲୁଟ୍ ଘଟଣାରେ ଗିରଫ କରାଯାଇ କୋର୍ଟ ଚାଲାଣ କରାଯିବ ।। ସଂଘର୍ଷ ଘଟଣା ପରେ ଉକ୍ତ ସାହିର ପୁରୁଷ ଲୋକ ଗିରଫ ଭୟରେ ଫେରାର ହୋଇ ଯାଇଥିବା ପୁଲିସ କହିଛି । ତେବେ ଆକ୍ରମଣରେ ମହିଳା ମାନେ ମୁଖ୍ୟ ଭୂମିକା ନେଇଥିବା ଭଞ୍ଜନଗର ଏସ୍‌ଡିପିଓ ରମେଶ ଚନ୍ଦ୍ର ସେଠୀ କହିଛନ୍ତି । ପୁଲିସ ଉଠାଇ ଆଣିଥିବା ଗର୍ଭବତୀ ମହିଳା ଜଣକ ଅସୁସ୍ଥ ହୋଇ ଘନଘନ ବାନ୍ତି କରୁଥିଲେ। ଆଜି ରାତି ସାଢ଼େ ୯ଟାରେ ତାଙ୍କୁ ଚିକିତ୍ସା ଲାଗି ଡାକ୍ତରଖାନାକୁ ପଠାଯାଇଛି। ଅଟକ ମହିଳାମାନେ କହିଛନ୍ତି, ସେମାନେ ଅସବର୍ଣ୍ଣ ଓ ଗରିବ ହୋଇଥିବାରୁ ଏବଂ ପୁରୁଷ ଲୋକ କେହି ନଥିବାର ସୁଯୋଗ ନେଇ ପୁଲିସ ଅନ୍ୟାୟ ଭାବରେ ପ୍ରତିକ୍ରିୟାଶୀଳ ହୋଇ ସେମାନଙ୍କୁ ଉଠାଇ ଆଣିଛି । ଜଣେ ମହିଳା କୁନି ନାୟକ କହିଛନ୍ତି, ପୁଲିସ ତାଙ୍କୁ ବିନା ଦୋଷରେ ଉଠାଇ ଆଣିଛି । ତାଙ୍କ ପାଖରେ ୬ ମାସର ଛୁଆ ଥିବା ବେଳେ ଦୁଇ ଦିନ ହେଲା ଗାଁରେ ଗୋଟିଏ ୧୦ ବର୍ଷର ଓ ୮ ବର୍ଷର ଛୁଆ କେଉଁ ପରିସ୍ଥିତିରେ ଥିବେ ଜାଣିପାରୁ ନଥିବା କହି କାନ୍ଦୁଥିବା ଦେଖାଯାଇଥିଲା ।



# ଥାନା ଜାଳିଦେଲେ

- ବେଗୁନିଆରେ ଲଙ୍କାକାଣ୍ଡ
- ଛତ୍ରଭଙ୍ଗ ଦେଲା ପୁଲିସ

ବୋଲଗଡ଼/ବେଗୁନିଆ,୬।୫ (ଇମିସ): ଜଣେ ଅଭିଯୁକ୍ତଙ୍କ ସନ୍ଦେହଜନକ ମୃତ୍ୟୁକୁ ନେଇ ଆଜି ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ଥାନାରେ ଲଙ୍କାକାଣ୍ଡ ଘଟିଛି । ପୁଲିସ୍‌ର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନରେ ଅଭିଯୁକ୍ତର ମୃତ୍ୟୁ ଘଟିଛି ବୋଲି ଅଭିଯୋଗ କରି ଉତ୍ତ୍ୟକ୍ତ ଲୋକେ ସନ୍ଧ୍ୟାରେ ବେଗୁନିଆ ଥାନାରେ ବ୍ୟାପକ ଭଙ୍ଗାରୁଜା କରିବା ସହିତ ନିଆଁ ଲଗାଇ ଦେଇଛନ୍ତି। ଉତ୍ତ୍ୟକ୍ତ ଲୋକେ ପୁଲିସ୍ ଜିପ୍ ପୋଡ଼ିବା ସାଙ୍ଗକୁ ବହୁ ଗୁରୁତ୍ୱପୂର୍ଣ୍ଣ ଫାଇଲ୍ ଜାଳିଦେଇଛନ୍ତି। ଭୟରେ ବେଗୁନିଆ ପୁଲିସ୍ ଘଟଣାସ୍ଥଳରୁ ଛତ୍ରଭଙ୍ଗ ଦେଇଥିବାର ଜଣାପଡ଼ିଛି। ବହୁ ବିଳମ୍ବରେ ଜିଲ୍ଲା ସଦର ମହକୁମାରୁ ୩ ପ୍ଲାଟୁନ ଫୋର୍ସ ଘଟଣାସ୍ଥଳକୁ ପଠାଯାଇଛି । ଏସ୍‌ଡିପିଓ ଜୟ ନାରାୟଣ ଶତପଥୀ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରୁଥିବାର ଜଣାପଡ଼ିଛି। ଖୋର୍ଦ୍ଧା ଟାଉନ ଥାନା, ଖୋର୍ଦ୍ଧା ସଦର ଥାନା ଅଧିକାରୀଙ୍କ ସମେତ ପ୍ରାୟ ୧୦ ଜଣ ପୁଲିସ୍ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିଛନ୍ତି । ଖବର ପାଇ ଖୋର୍ଦ୍ଧା ଏସ୍‌ପି ଦୟାନିଧି ଗୋଛାୟତ ବାଲୁଗାଁରୁ ଆସି ବିଳମ୍ବରେ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିର ଅନୁଧ୍ୟାନ କରିଛନ୍ତି।

ଜଣେ ଝିଅକୁ କମେଣ୍ଟମରା ଘଟଣାରେ ବେଗୁନିଆ ନିକଟସ୍ଥ ଭୁଇଁପୁର ଗାଁର ଦନେଇ ନାୟକଙ୍କ ପୁଅ ହେମନ୍ତ ନାୟକ(୩୦)ଙ୍କୁ ବେଗୁନିଆ ପୁଲିସ୍ ଗତ ୩ ଦିନ ତଳେ ଗିରଫ କରି ଥାନାକୁ ଆଣିଥିଲା । ସେହିଦିନଠାରୁ ହେମନ୍ତ ଆଉ ନିଜ ଘରକୁ ଫେରି ନ ଥିଲା। କିନ୍ତୁ ଆଜି ଅପରାହ୍ନରେ ବେଗୁନିଆ ନିକଟସ୍ଥ ବଡ଼ ବେରଣା ଗାଁ ଗହିରା ମଝିରେ ଏକ ବରଗଛରେ ହେମନ୍ତର ଶବ ଝୁଲୁଥିବାର ଦେଖିବାକୁ ମିଳିଥିଲା। ହେମନ୍ତର ପରିବାର ବର୍ଗ, ଗ୍ରାମବାସୀ ଓ ସ୍ଥାନୀୟ ଲୋକେ ଏହି ଘଟଣା ଦେଖିବା ପରେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇପଡ଼ିଥିଲା। ବେଗୁନିଆ ପୁଲିସ୍ ଅତ୍ୟାଚାରରେ ହେମନ୍ତର ମୃତ୍ୟୁ ଘଟିଛି ବୋଲି ଅଭିଯୋଗକରି ପ୍ରଥମେ ବେଗୁନିଆ ବଜାରରେ ରାସ୍ତାରୋକୋ କରାଯାଇଥିଲା।

କେସ୍‌ରେ ଫସିଥିବା ହେମନ୍ତର ସନ୍ଦେହଜନକ ମୃତ୍ୟୁକୁ ନେଇ ସ୍ଥାନୀୟ ଲୋକେ ପୁଲିସକୁ ଦାୟୀ କରି ଆଜି ସନ୍ଧ୍ୟାରେ ବେଗୁନିଆ ଥାନା ଭିତରେ ପଶି ପୁଲିସ୍‌କୁ ଗାଳିଗୁଲଜ କରିବା ସହ ବ୍ୟାପକ ଭଙ୍ଗାରୁଜା ଆରମ୍ଭ କରିଥିଲେ। ସେମାନେ ଥାନା ଭିତରେ ➡ ୯

# ଥାନା ଜାଳିଦେଲେ ...

ଥିବା ଚେୟାର, ଟେବୁଲ, କଂପ୍ୟୁଟର, ଫୋନ୍ ଭଙ୍ଗାରୁଜା କରିବା ସହିତ ଥାନାରେ ନିଆଁ ଲଗାଇଦେଇଥିଲେ। ଏଥିରେ ବହୁ ଗୁରୁତ୍ୱପୂର୍ଣ୍ଣ ଫାଇଲ ଜଳିଯାଇଛି। ଏତିକିରେ ଉତ୍ୟକ୍ତ ଲୋକେ ଶାନ୍ତ ପଡ଼ି ନ ଥିଲେ। ସେମାନେ ଥାନା ପରିସରରେ ଥିବା ଜିପ୍‌ରେ ନିଆଁ ଲଗାଇଦେଇଥିଲେ। ଥାନା ଓ ପୁଲିସ ଜିପ୍ ହୁହୁ ହୋଇ ଜଳୁଥିବା ବେଳେ ପୁଲିସ କର୍ମଚାରୀମାନେ ଏହା ଦେଖି ଜୀବନ ବିକଳରେ ଆତ୍ମରକ୍ଷା ପାଇଁ ଡ୍ୟୁଟି ଛାଡ଼ି ଥାନା ପଛ ପଟ ଦେଇ ଘଟଣାସ୍ଥଳରୁ ଛତ୍ରଭଙ୍ଗ ଦେଇଥିଲେ। ଏହି ଘଟଣା ପରେ ସମଗ୍ର ବେଗୁନିଆ ବଜାରରେ ଉତ୍ତେଜନା ପ୍ରକାଶ ପାଇବା ସହିତ ଦୋକାନ ବଜାର ବନ୍ଦ ହୋଇଯାଇଛି। ରାଜଧାନୀର ନାକତଳେ ଥିବା ବେଗୁନିଆ ଥାନାରେ ଏଭଳି ଲଙ୍କାକାଣ୍ଡ ଘଟିଥିବା ବେଳେ ଖୋଦ ମୁଖ୍ୟମନ୍ତ୍ରୀଙ୍କ ହାତରେ ଥିବା ଗୃହ ବିଭାଗ ଚୁପ୍ ବସିବା ଘଟଣାନେଇ ସାଧାରଣରେ ଭ୍ରୁକୁଞ୍ଚନ ସୃଷ୍ଟି କରିବା ସହ ପୁଲିସର ପାରିବାପଣିଆ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି।

ତେବେ ଶେଷ ରିପୋର୍ଟ ଅନୁଯାୟୀ. ଏହି ଘଟଣାରେ ବେଗୁନିଆ ଥାନା ଅଧିକାରୀ ଅମ୍ବିକା ପ୍ରସାଦ ଦାସଙ୍କୁ ସେଠାରୁ ତୁରନ୍ତ ବଦଳି କରାଯିବ ବୋଲି ଏସ୍‌ପି ଦୟାନିଧି ଗୋଛାୟତ ଓ ଖୋର୍ଦ୍ଧା ଉପଜିଲ୍ଲାପାଳ ଅଶୋକ କୁମାର ଦାସ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ଶବ ସତ୍କାର ନିମନ୍ତେ ମୃତ ହେମନ୍ତର ପରିବାରବର୍ଗଙ୍କୁ ୧୫ ହଜାର ଟଙ୍କା ପ୍ରଦାନ କରାଯିବ ଏବଂ ଏଥିସହିତ ହେମନ୍ତଙ୍କର ବିଧବା ପତ୍ନୀ ରଶ୍ମିତା ଦେଇଙ୍କୁ ବିଧବା ଭତ୍ତା ପ୍ରଦାନ କରାଯିବ ବୋଲି ଆନ୍ଦୋଳନକାରୀଙ୍କୁ ଶ୍ରୀ ଦାସ କହିଛନ୍ତି।

# ନିୟମଗିରି ରାୟ: ଦ୍ୱନ୍ଦ୍ୱରେ ସରକାର

ଭୁବନେଶ୍ୱର୬/୫(ଇମିସ): ନିୟମଗିରି ସଂକ୍ରାନ୍ତରେ ସୁପ୍ରିମକୋର୍ଟଙ୍କ ରାୟ ଓ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରାଳୟର ନିର୍ଦ୍ଦେଶନାମାକୁ ନେଇ ଦ୍ୱନ୍ଦ୍ୱରେ ପଡିଛନ୍ତି ରାଜ୍ୟ ସରକାର। କଳାହାଣ୍ଡି ଓ ରାୟଗଡାର କେତେ ଗାଁରେ ଗ୍ରାମସଭା କରାଯିବ ସେ ନେଇ କୌଣସି ସ୍ପଷ୍ଟ ନିର୍ଦ୍ଦେଶ ଆସିନି କେନ୍ଦ୍ରରୁ। ଏପରିକି କୋର୍ଟ ବି ଏ ନେଇ ସ୍ପଷ୍ଟ ମତ ରଖିନାହାନ୍ତି। ଏଣୁ କେଉଁ କେଉଁ ଗାଁରେ ଗ୍ରାମସଭା କରାଯିବ ଅଥବା ଡଙ୍ଗରିଆ ଓ କୁଟିଆ କନ୍ଧ ରହୁଥିବା ସବୁ ଗାଁରେ ଗ୍ରାମସଭା ହେବ ସେ ନିଷ୍ପତ୍ତିରେ ପହଞ୍ଚିନପାରି ଆଜି ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଆଇନ ବିଭାଗର ମତ ଲୋଡିଛି।

ନିୟମଗିରି ପାହାଡ଼ ଉପରେ ସ୍ଥାନୀୟ ଅଧିବାସୀଙ୍କର ଧାର୍ମିକ ଅଧିକାର ରହିଛି କି ନାହିଁ ସେ ସଂପର୍କରେ ଗ୍ରାମସଭା ଚୂଡ଼ାନ୍ତ ନିଷ୍ପତ୍ତି ନେବ ବୋଲି ଗତ ଅପ୍ରେଲ ମାସ ୧୮ ତାରିଖ ଦିନ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। କୋର୍ଟ ଏକଥା ବି କହିଥିଲେ ଯେ ବକ୍ସାଇଟ୍ ଖନନ ଦ୍ୱାରା ନିୟମ ରାଜା (ସ୍ଥାନୀୟ ଅଧିବାସୀଙ୍କ ଦେବତା)ଙ୍କ ବାସସ୍ଥଳୀ ପ୍ରଭାବିତ ହେବ କି ନାହିଁସେକଥା ଗ୍ରାମସଭା ସ୍ଥିର କରିବ। ସେହିଭଳି ଗ୍ରାମସଭାର ନିଷ୍ପତ୍ତିକୁ ଭିତ୍ତି କରି କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ଖଣି ପ୍ରକଳ୍ପକୁ ଦ୍ୱିତୀୟ ପର୍ଯ୍ୟାୟ ଜଙ୍ଗଲ ଅନୁମୋଦନ ଦେବ ବୋଲି କୋର୍ଟଙ୍କ ରାୟରେ କୁହାଯାଇଥିଲା।

କେବଳ ସେତିକି ନୁହେଁ, ଧାର୍ମିକ ସ୍ଥଳୀ ପ୍ରସଙ୍ଗ ବ୍ୟତୀତ ଅନ୍ୟ ବ୍ୟକ୍ତିଗତ କିମ୍ବା ଗୋଷ୍ଠୀ ଦାବି ସଂପର୍କରେ ଆସନ୍ତା ୧୫ ଦିନ ଭିତରେ ପ୍ରକଳ୍ପ ଅଞ୍ଚଳ ଲୋକେ ଆବେଦନ କରି ପାରିବେ ବୋଲି ରାୟରେ କୁହାଯାଇଥିଲା। ଜଙ୍ଗଲ ଅଧିକାର ଆଇନ ମୁତାବକ ୩ ମାସ ଭିତରେ ଏସବୁ ଆବେଦନ ଉପରେ ଗ୍ରାମସଭା ବିଚାର କରି ଫଏସଲା କରିବେ।

ସୁପ୍ରିମକୋର୍ଟଙ୍କ ଏହି ରାୟ ଆଧାରରେ ଏବେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରାଳୟ ରାଜ୍ୟ ସରକାରଙ୍କୁ ଏକ ନିର୍ଦ୍ଦେଶନାମା ଜାରି କରିଛି। ସ୍ଥାନୀୟ ଭାଷାରେ ବିଧିବଦ୍ଧ ନୋଟିସ ଆଦି ପ୍ରକାଶ କରିବା ସହିତ ଖବରକାଗଜରେ ବିଜ୍ଞାପନ ଦେବା ଲାଗି କୁହାଯାଇଛି। ତେବେ ନିର୍ଦ୍ଦିଷ୍ଟ କେଉଁ ଅଞ୍ଚଳରେ ଗ୍ରାମସଭା କରାଯିବ ସେ ନେଇ କୌଣସି ସ୍ପଷ୍ଟ ଉଲ୍ଲେଖ ନଥିବାରୁ କେନ୍ଦ୍ରର ଏହି ଚିଠିକୁ ନେଇ ସରକାର ଅଡୁଆରେ ପଡିଛନ୍ତି। ଏ ନେଇ ନିର୍ଦ୍ଦିଷ୍ଟ କୌଣସି ପଦକ୍ଷେପ ନେବା ପୂର୍ବରୁ ରାଜ୍ୟ ସରକାର ଆଜି ଆଇନ ବିଭାଗର ମତ ଲୋଡିଛନ୍ତି। ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ମନ୍ତ୍ରୀ ଲାଲ ବିହାରୀ ହିମିରିକା କହିଛନ୍ତି ଯେ ନିୟମଗିରି ପାହାଡ ଅଞ୍ଚଳରେ ପ୍ରାୟ ଶହେ ସରିକି ଗାଁ ରହିଛି, ଯେଉଁଠାରେ କି କୁଟିଆ କନ୍ଧ ଓ ଡଙ୍ଗରିଆ କନ୍ଧ ପୁରୁଷ ପୁରୁଷ ଧରି ରହିଆସୁଛନ୍ତି। ଏଣୁ ଗ୍ରାମସଭା ନିର୍ଦ୍ଦିଷ୍ଟ କେଉଁ କେଉଁ ଗାଁରେ କରାଯିବ ସେ ନେଇ ଆଇନ ବିଭାଗର ମତ ଲୋଡାଯାଇଛି ଯେ ସେମାନେ ଉଭୟ କୋର୍ଟ ଓ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶନାମାକୁ ତର୍ଜମା କରି ଏ ସଂପର୍କରେ ନିର୍ଦ୍ଦିଷ୍ଟ ଭାବେ ମତ ରଖିବା ପରେ ଯାଇ ବିଭାଗ ପଦକ୍ଷେପ ନେବ।

ସେପଟେ ମିଳିଥିବା ସୂଚନା ଅନୁସାରେ, ଧାର୍ମିକ ପ୍ରସଙ୍ଗକୁ ଗ୍ରାମସଭାରେ ପକାଇବା ଜରୁରୀ କିମ୍ବା ବାଧ୍ୟତା ମୂଳକ ନୁହେଁ, ଏ ନେଇ ଆଇନ ବିଭାଗ ରାଜ୍ୟ ସରକାରଙ୍କ ପକ୍ଷରୁ ମାମଲା ଲଢୁଥିବା ଆଇନଜୀବୀଙ୍କ ଠାରୁ ସ୍ପଷ୍ଟୀକରଣ ଲୋଡିଛି।

**ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଆଇନ ବିଭାଗର ପରାମର୍ଶ ଲୋଡିଲା**

# ପାଟଣାରେ ପୋସ୍କୋ ବିରୋଧୀଙ୍କ ସମାବେଶ

କୁଜଙ୍ଗ,୧୫।୫(ଇମିସ): ଆଜି ପ୍ରସ୍ତାବିତ ପୋସ୍କୋ ଅଞ୍ଚଳର ଗୋବିନ୍ଦପୁର ଗ୍ରାମରେ ପ୍ରଶାସନ ପକ୍ଷରୁ ପାନବରଜ ଭଙ୍ଗା,ଗଛକଟା କାର୍ଯ୍ୟ ସ୍ୱାଭାବିକ ଭାବେ କରାଯାଇଥିବା ଜଣାପଡିଛି। ତେବେ ସ୍ଥାନୀୟ ଲୋକଙ୍କ ତୀବ୍ର ବିରୋଧ ଯୋଗୁଁ ପ୍ରକଳ୍ପ ସୀମାରେଖା ଗାଡ (ଟ୍ରେଞ୍ଚ) ଖୋଳା କାର୍ଯ୍ୟ ଗତକାଲି ବନ୍ଦ୍ ରଖାଯାଇଥିବା ବେଳେ ଆଜି ସ୍ଥାନୀୟ ଗ୍ରାମବାସୀଙ୍କ ସହିତ ଆଲୋଚନା ପରେ ପୁଣି ଟ୍ରେଞ୍ଚ୍ ଖୋଳା ଆରମ୍ଭ କରାଯାଇଛି। ଅନ୍ୟପକ୍ଷରେ ଆଜି ପାଟଣା ଗ୍ରାମଠାରେ ପୋସ୍କୋ ବିରୋଧୀଙ୍କ ପକ୍ଷରୁ ଏକ ସମାବେଶ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ବିଧାୟକ ନାରାୟଣ ରେଡି,ଭିଟାମାଟି ସୁରକ୍ଷାମଞ୍ଚର ସଭାପତି କଗ୍ରେସ ନେତା ଜୟନ୍ତ ବଶ୍ୱାଳ ପ୍ରମୁଖ ସମାବେଶରେ ଯୋଗଦେଇ ଅଭୟଙ୍କ ଗିରଫ ପରେ ପୋସ୍କୋ ବିରୋଧୀ ଆନ୍ଦୋଳନ ଦବିଯିବ ନାହିଁ ବରଂ ଆହୁରି ବ୍ୟାପକ ହେବ ବୋଲି କହିଥିଲେ।

ପ୍ରକାଶ ଯେ ଆଜି ଗୋବିନ୍ଦପୁର ଗ୍ରାମରେ ପ୍ରଶାସନ ପକ୍ଷରୁ ମୋଟ ୧୦ଟି ପୁରୁଣା ପାନ ବରଜ ଅଧିଗ୍ରହଣ କରାଯାଇ କ୍ଷତିପୂରଣ ବାବଦକୁ୧୬ ଲକ୍ଷ ୫ ହଜାର ୬୦୫ ଟଙ୍କା ପ୍ରଦାନ କରାଯାଇଛି। ସେହିପରି ଆଜି ମୋଟ ୬୧୩ଟି ଗଛକଟା ଯାଇ କ୍ଷତିପୂରଣ ବାବଦକୁ ୫ ଲକ୍ଷ ୨୮ ହଜାର ଶହେ ଟଙ୍କା ପ୍ରଦାନ କରିଛି। ଅନ୍ୟପକ୍ଷରେ ଗୋବିନ୍ଦପୁର ଗ୍ରାମରେ ଟ୍ରେଞ୍ଚ ଖୋଳା କାର୍ଯ୍ୟ ସ୍ଥାନୀୟ ଲୋକମାନଙ୍କ ବିରୋଧ ଯୋଗୁ ବନ୍ଦ ହୋଇଥିବା ବେଳେ ଆଜି ଗୋବିନ୍ଦପୁର ଗ୍ରାମରେ ସ୍ଥାନୀୟ ଲୋକମାନଙ୍କ ସହିତ ପ୍ରଶାସନ ଆଲୋଚନା କରିବା ପରେ ଲୋକମାନେ ଟ୍ରେଞ୍ଚ କାର୍ଯ୍ୟ କରିବାକୁ ସେମାନଙ୍କ ସମ୍ମତ ପ୍ରକାଶ କରିଥିଲେ। ଫଳରେ ପ୍ରଶାସନ ପକ୍ଷରୁ ଆଜି ମୋଟ ୧୫୨ ମିଟର ଟ୍ରେଞ୍ଚ ଖୋଳାଯାଇଛି। ଆଜି ପାନବରଜ ଅଧିଗ୍ରହଣ, ଗଛକଟା କାର୍ଯ୍ୟକୁ କୁଜଙ୍ଗ ତହସିଲଦାର ରବୀନ୍ଦ୍ରନାଥ କହଁର,ଏରସମା ତହସିଲଦାର ଶରତ ଚନ୍ଦ୍ର ପୁରୋହିତ,ତିର୍ତୋଲ ତହସିଲଦାର ପ୍ରଦୀପ କୁମାର ନାୟକ ପ୍ରମୁଖ ନିର୍ବାହ କରିଥିବାବେଳେ ପାରାଦୀପ ଏଡିଏମ ସୁରଜିତ ଦାସ,ଏସ୍‌ଡିପିଓ ଭବାନୀଶଙ୍କର ମିଶ୍ର ପ୍ରମୁଖ କାର୍ଯ୍ୟ ତଦାରଖ କରିଥିଲେ। ପୋସ୍କୋର ବରିଷ୍ଠ ଅଧିକାରୀ ସର୍ବଦାନନ୍ଦ ସିହଂ ସମସ୍ତ କାର୍ଯ୍ୟରେ ପ୍ରଶାସନକୁ ସହାୟତା ପ୍ରଦାନ କରିଥିଲେ। ତେବେ ଆଜି ଗୋବିନ୍ଦପୁର ଗ୍ରାମରେ ପ୍ରଶାସନ ପୋସ୍କୋ ପ୍ରକଳ୍ପ ସଂକ୍ରାନ୍ତ କାର୍ଯ୍ୟ ଚଳାଇଥିବାବେଳେ ପାଟଣା ଠାରେ ପୋସ୍କୋ ପ୍ରତିରୋଧ ସଂଗ୍ରାମ ସମିତି ସଂପାଦକ ଶିଶିର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ସମାବେଶରେ ପୂର୍ବତନ ବିଧାୟକ ନାରାୟଣ ରେଡି, ଭିଟାମାଟି ସୁରକ୍ଷା ମଞ୍ଚ ସଭାପତି ତଥା କଗ୍ରେସ ନେତା ଜୟନ୍ତ ବିଶ୍ୱାଳ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ପୋସ୍କୋକୁ ଢିଙ୍କିଆ ଚାରୀଦେଶରେ କୋଣସି ମୂଲ୍ୟ ବିନିମୟରେ କରାଇଦିଆଯିବ ନାହିଁ ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମନୋରମା ଖଟୁଆ,ଆଶିଷ କାନୁନଗୋ, ଶିଶିର ମହାପାତ୍ର ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ।

**ବୁଝାମଣା ପରେ ପ୍ରଶାସନ ଖୋଳିଲା ଟ୍ରେଞ୍ଚ୍**

# ପୋସ୍କୋ ପ୍ରକଳ୍ପ ବାତିଲ୍ ଦାବିରେ ଗଣଧାରଣା




ଭୁବନେଶ୍ୱର, ୧୫।୬ (ଇମିସ): ପୋସ୍କୋ ପ୍ରକଳ୍ପ ସଂପୂର୍ଣ ବାତିଲ୍, ଜନ ଆନ୍ଦୋଳନ ଉପରେ ଦମନଲୀଳା ବନ୍ଦ, ବଳପୂର୍ବକ ଜମି ଅଧିଗ୍ରହଣ ବନ୍ଦ, ଗୋବିନ୍ଦପୁର ଗାଁରୁ ପୁଲିସ୍ ପ୍ରତ୍ୟାହାର, ପୋସ୍କୋ ପ୍ରତିରୋଧ ସଂଗ୍ରାମ ସମିତିର ଅଧ୍ୟକ୍ଷ ଅଭୟ ସାହୁ, ପିପିଏସ୍‌ଏସ୍ ନେତା ଲକ୍ଷ୍ମଣ ପରମାଣିକଙ୍କୁ ଜେଲ୍‌ରୁ ଖଲାସ ପ୍ରଭୃତି ଦାବି ନେଇ ଆଜି ପୋସ୍କୋ ପ୍ରତିରୋଧ ଜନ ସଂଘର୍ଷ ମଞ୍ଚ ପକ୍ଷରୁ ଲୋୟର ପିଏମ୍‌ଜିରେ ଗଣଧାରଣା ଦିଆଯାଇଛି। ଗତ ୮ବର୍ଷ ଧରି ଜଗତସିଂହପୁର ଅଞ୍ଚଳର ଲୋକମାନେ ସେମାନଙ୍କ ପାନ, ଧାନ, ମୀନ ସମେତ ଜୀବିକା ଓ ଭିଟାମାଟିର ସୁରକ୍ଷା ପାଇଁ ଲଢ଼େଇ ଜାରି ରଖିଛନ୍ତି। ଗଣତାନ୍ତ୍ରିକ ଉପାୟରେ ଆନ୍ଦୋଳନ କରୁଥିବା ଲୋକମାନଙ୍କ ଉପରେ ପୁଲିସ୍ ଦମନ ଓ ଅତ୍ୟାଚାର ଜାରି ରଖିଛି। ଏତିମଧ୍ୟରେ ୪ଜଣ ମୃତ୍ୟୁବରଣ କରିଥିବା ବେଳେ ହଜାର ହଜାର ଲୋକଙ୍କ ନାଁରେ ଚାଲିଛି ମିଥ୍ୟା ମକଦ୍ଦମା। ଶହ ଶହ ସଶସ୍ତ୍ର ପୁଲିସ୍ ମୁତୟନ କରି ଆତଙ୍କର ବାତାବରଣ ସୃଷ୍ଟି କରି ସେମାନଙ୍କ ଜମିକୁ ବଳପୂର୍ବକ ଅକ୍ତିଆର ଉଦ୍ୟମ ଚାଲିଛି। ସରକାର, ପ୍ରଶାସନ ଓ ପୁଲିସ୍ ସମସ୍ତେ ପୋସ୍କୋ ଭଳି ଏକ ବିଦେଶୀ କମ୍ପାନିର ଏଜେଣ୍ଟ ବନିଯାଇଛନ୍ତି। ଏହି ଆକ୍ରମଣ ବିରୋଧରେ ଜନମତ ସୃଷ୍ଟି କରି ପୋସ୍କୋ ବିରୋଧୀ, ବିସ୍ଥାପନ ବିରୋଧୀ, ଲୁଣ୍ଠନ ବିରୋଧୀ ଓ ଗଣତାନ୍ତ୍ରୀକ ଶକ୍ତିମାନଙ୍କ ଏକତ୍ରକରି ରାଜ୍ୟବ୍ୟାପୀ ଆନ୍ଦୋଳନ ଜୋରଦାର କରିବା ଲାଗି ମଞ୍ଚ ପକ୍ଷରୁ ଦାବି କରାଯାଇଛି। ପୋସ୍କୋ କମ୍ପାନି ସହ ବୁଝାମଣା ପ୍ରତ ସ୍ୱାକ୍ଷରର ୮ବର୍ଷ ପୂର୍ତ୍ତି ଅବସରରେ ଆଗାମୀ ୨୨ତାରିଖକୁ ଦେଶବ୍ୟାପୀ ପୋସ୍କୋ ବିରୋଧୀ ଦିବସ ଭାବେ ପାଳନ କରିବାକୁ ମଞ୍ଚ ପକ୍ଷରୁ ନିବେଦନ କରାଯାଇଛି। ଏହି ଗଣଧାରଣାରେ ଜନ ଆନ୍ଦୋଳନ ନେତା ପ୍ରଫୁଲ୍ଲ ସାମନ୍ତରା, ବିଶ୍ୱପ୍ରିୟ କାନୁନ୍‌ଗୋ, ସୁଧୀର ପଟ୍ଟନାୟକ, ପ୍ରଶାନ୍ତ ପଟ୍ଟନାୟକ, ପ୍ରଶାନ୍ତ ପାଇକରାୟ, ଶିବରାମ ପ୍ରକାଶ ପ୍ରମୁଖ ଉପସ୍ଥିତ ଥିଲେ।

# ପୋସ୍କୋ: ଏପଟେ ଅଧିଗ୍ରହଣ, ସେପଟେ ଗର୍ଜନ

କୁଜଙ୍ଗ,୧୬।୫(ଇମିସ): ପ୍ରସ୍ତାବିତ ପୋସ୍କୋ ଅଞ୍ଚଳର ଗୋବିନ୍ଦପୁର ଗ୍ରାମରେ ଆଜି ପ୍ରଶାସନ ପକ୍ଷରୁ ଜମି ଅଧିଗ୍ରହଣ ସ୍ୱାଭାବିକ ଭାବେ କରାଯାଇଥିଲା ବେଳେ ପାଟଣାରେ ବିରୋଧୀଙ୍କ ରଣ ହୁଙ୍କାର ଶୁଣାଯାଇଛି । ଆଜି ପାଟଣା ଗ୍ରାମରେ ବିଭିନ୍ନ ରାଜନୈତିକ ଦଳର ନେତାମାନେ ସମାବେଶରେ ବକ୍ତବ୍ୟ ପ୍ରଦାନକରି ପୋସ୍କୋ ପ୍ରକଳ୍ପକୁ ପ୍ରସ୍ତାବିତ ଅଞ୍ଚଳରେ କରଯାଇ ଦିଆଯିବ ନାହିଁ ବୋଲି କହିଥିଲେ । ପ୍ରଶାସନ ଚକ୍ରାନ୍ତ ଚଳାଇ ପୋସ୍କୋ ପ୍ରତିରୋଧ ସଂଗ୍ରାମ ସମିତିର ସଭାପତିଙ୍କୁ ଗିରଫ କରି ପ୍ରକଳ୍ପ କରିବାକୁ ଯେଉଁ ସ୍ୱପ୍ନ ଦେଖୁଛି ତାହା କେବଳ ଦିବା ସ୍ୱପ୍ନ ବୋଲି ସେମାନେ ସମାଲୋଚନା କରିଥିଲେ ।

ଆଜି ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ପୋସ୍କୋ ପ୍ରସ୍ତାବିତ ଗୋବିନ୍ଦପୁର ଗ୍ରାମରେ ପାନବରଜ ଅଧିଗ୍ରହଣ,ଗଛକଟା ଏବଂ ଟ୍ରେଞ୍ଚ ଖୋଳା କାର୍ଯ୍ୟକ୍ରମ ଜାରି ରହିଥିଲା । ଆଜି ପ୍ରଶାସନ ମୋଟ ୧୧ଟି ପାନବରଜ ଅଧିଗ୍ରହଣ କରିଥିଲା। ସେଥିମଧ୍ୟରୁ ୧୦ ଟି ପୁରୁଣା ଏବଂ ଗୋଟିଏ ନୂଆବରଜ ଅନ୍ତର୍ଭୁକ୍ତ । ୧୦ଟି ପୁରୁଣା ବରଜ ପାଇଁ ପ୍ରଶାସନ ମୋଟ ୧୩ ଲକ୍ଷ ୧ ହଜାର ୪୫୫ ଟଙ୍କା ପ୍ରଦାନ କରିଛି । ସେହିପରି ଗୋବିନ୍ଦପୁର ଗ୍ରାମରେ ୬୮୩ଟି ଗଛ କଟାଯାଇ କ୍ଷତିପୂରଣ ବାବଦକୁ ୮ ଲକ୍ଷ ୩୯ ହଜାର୯୬୩ ଟଙ୍କା ପ୍ରଦାନ କରାଯାଇଛି । ଟ୍ରେଞ୍ଚ୍ ଖୋଳା କ୍ଷେତ୍ରରେ ଆଜି ମଧ୍ୟ ପ୍ରଶାସନକୁ ବେଶ ସଫଳତା ମିଳିଥିବା ପରିଲକ୍ଷିତ ହୋଇଛି । ଆଜି ଗୋବିନ୍ଦପୁର ହରିଜନ ପଡାରୁ ନୂଆଗାଁ ପାର୍ଶ୍ୱକୁ ଦେଢ ଶହ ମିଟର ଦୈର୍ଘ୍ୟର ଟ୍ରେଞ୍ଚ୍ ଖୋଳାଯାଇଛି । ଆଜି ପ୍ରଶାସନ ତତ୍ୱାବଧାନରେ କରାଯାଇଥିବା ଏହି କାର୍ଯ୍ୟକୁ ଗୋବିନ୍ଦପୁର ଗ୍ରାମବାସୀ ସହାୟତା ପ୍ରଦାନ କରିଥିଲେ । ପୋସ୍କୋ ପ୍ରକଳ୍ପ ପ୍ରତି ସ୍ଥାନୀୟ ଲୋକଙ୍କୁ ଆକର୍ଷିତ କରିବାକୁ ଆଜି ପ୍ରଶାସନ ପକ୍ଷରୁ ପାରାଦୀପ ଏଡିଏମ୍ ସୁରଜିତ ଦାସ ଗୋବିନ୍ଦପୁର ଗ୍ରାମର ଦୁଇଜଣ ଶାରୀରିକ ଅକ୍ଷମ,୧୧ଜଣ ବିଧବା ଏବଂ ୬୦ ଜଣ ବୃଦ୍ଧଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା । ଆଜି ପ୍ରାଶାସନିକ କାର୍ଯ୍ୟକୁ କୁଜଙ୍ଗ ତହସିଲଦାର ରବୀନ୍ଦ୍ରନାଥ କହଁର,ଏରସମା ତହସିଲଦାର ଶରତ ଚନ୍ଦ୍ର ପୁରୋହିତ, ତିର୍ତ୍ତୋଲ ତହସିଲ୍‌ଦାର ପ୍ରଦୀପ କୁମାର ନାୟକ ପ୍ରମୁଖ ପରିଚାଳନା କରିଥିଲେ । ପାରାଦୀପ ଏସ୍‌ଡିପିଓ ଭବାନି ଶଙ୍କର ମିଶ୍ର, କୁଜଙ୍ଗ ଥାନା ଅଧିକାରୀ ଗୁପ୍ତେଶ୍ୱର ଭୋଇ ପ୍ରମୁଖ ଆଇନଶୃଙ୍ଖଳା ପରିସ୍ଥିତି ତଦାରଖ କରିଥିଲେ । ପୋସ୍କୋର ବରିଷ୍ଠ ଅଧିକାରୀ ସର୍ବଦାନନ୍ଦ ସିଂହ ସମସ୍ତ କାର୍ଯ୍ୟରେ ସରକାରୀ ଅଧିକାରୀମାନଙ୍କୁ ସହାୟତା ପ୍ରଦାନ କରିଥିଲେ । ଗୋବିନ୍ଦପୁର ଗ୍ରାମରେ ପ୍ରଶାସନ ପ୍ରକଳ୍ପ ସଂକ୍ରାନ୍ତ କାର୍ଯ୍ୟ ଚଳାଇ ରଖିଥିବା ବେଳେ ପାଟଣା ଗ୍ରାମରେ ପୋସ୍କୋ ବିରୋଧୀଙ୍କ ତୀବ୍ର ବିରୋଧର ସ୍ୱର ଶୁଣାଯାଉଥିଲା । ପୋସ୍କୋ ପ୍ରତିରୋଧ ସଂଗ୍ରାମ ସମିତିର ସଂପାଦକ ଶିଶିର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ ବିଭିନ୍ନ ରାଜନୈତିକ ଦଳର ନେତାମାନେ ପୋସ୍କୋ ବିରୋଧୀ ଆନ୍ଦୋଳନକୁ ସମର୍ଥନ କରିଥିଲେ । ପ୍ରଶାସନ ଚକ୍ରାନ୍ତକରି ପୋସ୍କୋ ବିରୋଧୀ ନେତା ଅଭୟ ସାହୁଙ୍କୁ ଗିରଫ କରିଥିଲେ ମଧ୍ୟ ସରକାର ତାଙ୍କ ଅନୁପସ୍ଥିତରେ ଆନ୍ଦୋଳନ ପ୍ରଶମିତ ହୋଇଯିବ ଏବଂ ପୋସ୍କୋ ପ୍ରକଳ୍ପ ପ୍ରତିଷ୍ଠା ହୋଇଯିବ ବୋଲି ଯେଉଁ ସ୍ୱପ୍ନ ଦେଖୁଛି ତାହା କେବଳ ଦିବା ସ୍ୱପ୍ନ ବୋଲି କହିଥିଲେ । ଭିଟାମାଟି ସୁରକ୍ଷା ମଞ୍ଚର ସଭାପତି ତଥା କଂଗ୍ରେସ ନେତା ଜୟନ୍ତ ବିଶ୍ୱାଳ, ବିଶିଷ୍ଟ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା,ସିପିଆଇ ନେତା କ୍ଷୀରୋଦ ସିଂହଦେଓ, ସିପିଏମ ନେତା ଅଭିରାମ ବେହେରା, ସମାଜବାଦୀ ଦଳ ନେତା ସୁଦର୍ଶନ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ତେବେ ପୋସ୍କୋକୁ ବିରୋଧ ଅବ୍ୟାହତ ରହିବ ବୋଲି ସମାବେଶରେ ଘୋଷଣା କରାଯାଇଥିଲା । ପାଟଣା ଠାରେ ପୋସ୍କୋ ବିରୋଧୀମାନେ ଧାରଣା ଦେବା ସହିତ ପ୍ରଶାସନକୁ ପାଟଣା ସୀମାରେ କୌଣସି କାର୍ଯ୍ୟକରିବାକୁ ଦେବେ ନାହିଁ ବୋଲି ଚେତାଇ ଦିଆଯାଇଥିଲା ।

---

**ନିୟମଗିରି ରାୟ**

# ସୁପ୍ରିମକୋର୍ଟଙ୍କୁ ଅଧିକ ସମୟ ମାଗିବେ ରାଜ୍ୟ ସରକାର

ଭୁବନେଶ୍ୱର୧୬/୫(ଇମିସ): ଗ୍ରାମସଭା ଲାଗି ସୁପ୍ରିମକୋର୍ଟଙ୍କୁ ଆଉ ୬ ସପ୍ତାହ ସମୟ ମଗାଯିବ। ନିୟମଗିରି ମାମଲାରେ ସୁପ୍ରିମକୋର୍ଟଙ୍କ ରାୟ, ରାଜ୍ୟ ସରକାରଙ୍କ ଓକିଲଙ୍କ ବିଶ୍ଳେଷଣ ଓ କେନ୍ଦ୍ର ଆଦିବାସୀ ମନ୍ତ୍ରାଳୟର ରାୟକୁ ତର୍ଜମା କରି ଆଜି ଆଇନ ବିଭାଗ ଏଭଳି ମତ ରଖିଛି। ଆଇନ ମନ୍ତ୍ରୀ ମହେଶ୍ୱର ମହାନ୍ତି କହିଛନ୍ତି, ସୁପ୍ରିମକୋର୍ଟ ୩ମାସ ମଧ୍ୟରେ ଗ୍ରାମସଭା କରିବା ଲାଗି ଯାହା କହିଛନ୍ତି, ତାହା ସମ୍ଭବ ନୁହେଁ। ଏଣୁ ଅଧିକ ୬ସପ୍ତାହ ସମୟ ଦେବାଲାଗି ରାଜ୍ୟ ସରକାର ଖୁବ୍ ଶୀଘ୍ର ସୁପ୍ରିମକୋର୍ଟରେ ଆବେଦନ କରିବେ। ଏଥିସହିତ ନିୟମଗିରି ପାହାଡ ସଂଲଗ୍ନ ସମୁଦାୟ ୧୨ଟି ଗାଁରେ ଗ୍ରାମସଭା କରାଯିବ। ଆଇନ ବିଭାଗର ଏ ମତ ପରେ ନିୟମଗିରି ରାୟକୁ ନେଇ ସୃଷ୍ଟି ହୋଇଥିବା ଦ୍ୱନ୍ଦ୍ୱ ଦୂର ହୋଇଛି।

ନିୟମଗିରି ସଂକ୍ରାନ୍ତରେ ସୁପ୍ରିମକୋର୍ଟଙ୍କ ରାୟ ଓ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରାଳୟର ନିର୍ଦ୍ଦେଶନାମାକୁ ନେଇ ରାଜ୍ୟ ସରକାର ଦ୍ୱନ୍ଦ୍ୱରେ ପଡିଥିଲେ। କଳାହାଣ୍ଡି ଓ ରାୟଗଡାର କେତେ ଗାଁରେ ଗ୍ରାମସଭା କରାଯିବ ସେ ନେଇ କେନ୍ଦ୍ର ସରକାର କିମ୍ବା ସୁପ୍ରିମକୋର୍ଟ କୌଣସି ସ୍ପଷ୍ଟ ନିର୍ଦ୍ଦେଶ ଦେଇନଥିବା ପରିପ୍ରେକ୍ଷୀରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହାକୁ ଆଖି ଆଗରେ ରଖି ସୁପ୍ରିମକୋର୍ଟରେ ଓଡିଶା ସରକାରଙ୍କ ପକ୍ଷରୁ ଲଢୁଥିବା ଆଇନଜୀବୀଙ୍କ ଠାରୁ ରାୟ ସଂପର୍କରେ ସରକାର ସ୍ପଷ୍ଟୀକରଣ ଲୋଡିଥିବା ବେଳେ ଅନ୍ୟପଟରେ କେଉଁ କେଉଁ ଗାଁରେ ଗ୍ରାମସଭା କରାଯିବ ଅଥବା ଡଙ୍ଗରିଆ ଓ କୁଟିଆ କନ୍ଧ ରହୁଥିବା ସବୁ ଗାଁରେ ଗ୍ରାମସଭା ହେବ ସେ ନିଷ୍ପତ୍ତିରେ ପହଞ୍ଚିନପାରି ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ବି ଆଇନ ବିଭାଗର ମତ ଲୋଡିଥିଲା। କାରଣ ଗତ ଅପ୍ରେଲ ୧୮ ତାରିଖ ଦିନ ସୁପ୍ରିମକୋର୍ଟ

**ନିୟମଗିରି ପାହାଡ଼ ନିକଟ ୧୨ଟି ଗାଁରେ ହେବ ଗ୍ରାମସଭା**

ଯେଉଁ ରାୟ ଦେଇଥିଲେ, ସେଥିରେ କୁହାଯାଇଥିଲା ଯେ ନିୟମଗିରି ପାହାଡ଼ ଉପରେ ସ୍ଥାନୀୟ ଅଧିବାସୀଙ୍କର ଧାର୍ମିକ ଅଧିକାର ରହିଛି କି ନାହିଁ ସେ ସଂପର୍କରେ ଗ୍ରାମସଭା ଚୂଡ଼ାନ୍ତ ନିଷ୍ପତ୍ତି ନେବ । ସେହିଭଳି ବକ୍ସାଇଟ୍ ଖନନ ଦ୍ୱାରା ନିୟମ ରାଜା (ସ୍ଥାନୀୟ ଅଧିବାସୀଙ୍କ ଦେବତା)ଙ୍କ ବାସସ୍ଥଳୀ ପ୍ରଭାବିତ ହେବ କି ନାହିଁ ସେକଥା ବି ଗ୍ରାମସଭା ସ୍ଥିର କରିବ। ଗ୍ରାମସଭାର ନିଷ୍ପତ୍ତିକୁ ଭିତ୍ତି କରି କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ଖଣି ପ୍ରକଳ୍ପକୁ ଦ୍ୱିତୀୟ ପର୍ଯ୍ୟାୟ ଜଙ୍ଗଲ ଅନୁମୋଦନ ଦେବ ବୋଲି କୋର୍ଟଙ୍କ ରାୟରେ କୁହାଯାଇଥିଲା। ଧାର୍ମିକ ସ୍ଥଳୀ ପ୍ରସଙ୍ଗ ବ୍ୟତୀତ ଅନ୍ୟ ବ୍ୟକ୍ତିଗତ କିମ୍ବା ଗୋଷ୍ଠୀ ଦାବି ସଂପର୍କରେ ରାୟ ପ୍ରକାଶର ୧୫ ଦିନ ଭିତରେ ପ୍ରକଳ୍ପ ଅଞ୍ଚଳ ଲୋକେ ଆବେଦନ କରି ପାରିବେ କୋର୍ଟ ରାୟ ଦେଇଥିଲେ ଓ ଜଙ୍ଗଲ ଅଧିକାର ଆଇନ ମୁତାବକ ୩ ମାସ ଭିତରେ ଏସବୁ ଆବେଦନ ଉପରେ ଗ୍ରାମସଭା ବିଚାର କରି ଫଏସଲା କରିବେ ବୋଲି ସମୟ ଧାର୍ଯ୍ୟ କରିଥିଲେ।

ପରେ ସୁପ୍ରିମକୋର୍ଟଙ୍କ ଏହି ରାୟ ଆଧାରରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରାଳୟ ରାଜ୍ୟ ସରକାରଙ୍କୁ ଗତ ୨ ତାରିଖ ଦିନ ବିସ୍ତୃତ ନିର୍ଦ୍ଦେଶନାମା ଜାରି କରିଥିଲେ। ସ୍ଥାନୀୟ ଭାଷାରେ ବିଧିବଦ୍ଧ ନୋଟିସ ଆଦି ପ୍ରକାଶ କରିବା ସହିତ ଖବରକାଗଜରେ ବିଜ୍ଞାପନ ଦେବା ଲାଗି ଏଥିରେ କୁହାଯାଇଥିଲା। ହେଲେ ଏଥିରେ ବି ଗ୍ରାମସଭା କେତୋଟି ଗାଁରେ ହେବ ସେ ନେଇ କିଛି ସ୍ପଷ୍ଟ ଉଲ୍ଲେଖ ନଥିଲା। ଯେଉଁଥିପାଇଁ ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଆଇନ ବିଭାଗର ହସ୍ତକ୍ଷେପ ଲୋଡିଥିଲେ। ଏବେ ଆଇନ ବିଭାଗ ଏସବୁ କଥାକୁ ତର୍ଜମା କରି ରିପୋର୍ଟ ଦେବା ପରେ ନିୟମଗିରି ସଂପର୍କରେ ସରକାରୀ ପ୍ରକ୍ରିୟା ଆରମ୍ଭ ହେବ ବୋଲି କୁହାଯାଉଛି।

# ଆଠ ବର୍ଷ ହେଲା ଛୁଇଁ ନାହାନ୍ତି ଅକ୍ଷିମୁଠି

ବଲାଙ୍ଗୀର, ୧୩।୫(ଇମିସ): ଆଜି ସମଗ୍ର ରାଜ୍ୟରେ ପାଳିତ ହୋଇଛି ପବିତ୍ର ଅକ୍ଷୟ ତୃତୀୟା। ଚାଷୀ ପୁଅ ପୂଜାର୍ଚ୍ଚନା କରି ହଳ ବୁଲାଇଛି। କିନ୍ତୁ, ଗତ ୮ ବର୍ଷ ହେଲା ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ଉପଖଣ୍ଡ ଘୁମେର, ଅଏଁଲାତୁଙ୍ଗୀ ଭଳି ୧୧ଟି ଗାଁର ୭୦ ଜଣ ଚାଷୀ ପୁଅ ପାଇଁ ଏସବୁ ସ୍ୱପ୍ନ ହୋଇଯାଇଛି। ବାବାଙ୍କ ବିଶ୍ୱାସରେ

- **ଚାଷୀଙ୍କ ଜମିରେ କଂପାନି ହାକିମ**
- **ହାଇକୋର୍ଟରେ ଝୁଲିଛି ଭାଗ୍ୟ**



ପ୍ରତାରଣା ମିଶା ଜହର ପିଇ ସେମାନେ ଆଜି ପସ୍ତାଉଛନ୍ତି। ଲିଜ୍ ନାଁରେ କଂପାନି ଜମି କିଣି ନେଇଥିବା ଜାଣିବା ପରେ ଏବେ ସେମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଜମି ହରାଇବା ଦୁଃଖ ମଧ୍ୟରେ କେତେଜଣ ଆଖି ବି ବୁଜି ସାରିଲେଣି। ତଥାପି ଅନ୍ୟମାନେ ହାରି ନାହାନ୍ତି। ଜମିର ମାଲିକାନା ଫେରି ପାଇବାକୁ ସେମାନେ ସଂଘର୍ଷ ଜାରି ରଖିଛନ୍ତି।

୨୦୧୨ ଜୁଲାଇ ୩୧ ତାରିଖ। ଘୁମେର ଓ ଅଏଁଲାତୁଙ୍ଗୀର ଜମି ହରାଇ ଥିବା ଗାଁ ଲୋକେ ଲାଲ୍ ଝଣ୍ଡା ପୋତି ହଳ କରିଥିଲେ। ବିଦ୍ରୋହର କ୍ଷେତ୍ର ପ୍ରସ୍ତୁତି ସହ ସେମାନେ ସଂଘର୍ଷ ପାଇଁ ତୟାର ବୋଲି ସୂଚନା ଦେଇଥିଲେ। ଜଣେ ଚାଷୀଙ୍କ କହିବା ଅନୁସାରେ ଗତ ୨୦୦୫ରେ ବାବା ଆରୁ ମାତା ଆଇଥିଲେ। ଜମି ୩ ବଛର୍ ଲାଗି ନେମୁ। ଗଛ୍ ଜଗାମୁଁ। ଧୋପ୍ କାଠି ବନାମୁ, ରାମ ଗେଡ଼ା ଗଛ ଲଗାମୁ ବଲି କହେଲେ। ଯେନ୍ ମନେ ଜମି ଦେବେ ସେମାନ୍‌କୁ ଆମେ ଟଙ୍କା ଆରୁ କାମ୍ ବି ଦେମୁ ବଲି ସପନ୍ ଦେଖାଲେ। ଚିନ୍ତା ନିକର ବଲି ଆଚାର୍ଯ୍ୟ ମାଷ୍ଟର୍, ସୁଶୀଲ ପ୍ରଧାନ କହଲେ। ଆମେ ବିଶ୍ୱାସରେ ଟିପ୍ ଚିହ୍ନା ଦେଲୁ। କିଛି କିଛି ଟଙ୍କା ପଏସା ବି ଦେଇଥିଲେ। ପରେ ଜମି ଲିଜ୍ ନାଁରେ କଂପାନି କିଣି ନେଇଛେ ଜାନ୍‌ଲୁ। ଏବେ ଆମର୍ ଜମିନ୍ ଥାଇ କରି ବି ଭୁତି ଦୁଖ୍ କରି ଚଲୁଛୁଁ। କଂପାନି ଆମର୍ ଗଛ୍‌ଖୁଟ୍ କାଟି ନେଇଛେ। କିହେ କିଛି ନେଇ କରି ପାର୍‌ବାର୍’।

ପାଟଣାଗଡ଼ ବ୍ଲକର ଘୁମେର, ଅଏଁଲାତୁଙ୍ଗୀ, ଜାଲପାଲି, କିରାବାହାଲ, ଠେଲକୋଛାପର୍, ଘୁନ୍‌ଘୁଟିପାଲି, ବେଲପଡ଼ା ବ୍ଲକର ବାଗଡୋର, ରେଙ୍ଗାଲି, ଆମପାଲି, ଖପ୍ରାଖୋଲ ବ୍ଲକର କଦଲାଝରନ, ଲୁଇସିଂହାର ଦୁଇଟି ଗାଁର ୭୦ ଜଣ ଚାଷୀ ୩୫୮.୪୨ ଏକର ଚାଷ ଜମିକୁ ଆଗ୍ରା ଓ ଦିଲ୍ଲୀର ୧୦ଟି ଭିନ୍ନ ଭିନ୍ନ କଂପାନି ନାଁରେ ଲିଜ କରିଦେଲେ। ୨୦୦୫ ମସିହାରେ ଯେତେବେଳେ କାଗଜପତ୍ର କାମ ହେଉଥିଲା ସେତେବେଳେ ଏହି ଚାଷୀମାନେ ଲିଜ୍ ବୋଲି ଜାଣିଥିଲେ। ପରେ ସତ ପଦାକୁ ଆସିଲା। ଆଉ ଠକ କଂପାନି ଲିଜ୍ ନାଁରେ ଚାଷ ଜମି ସେଲ୍ ଡିଡ୍ କରି ନେଇଥିବା ଧରାପଡ଼ିଲା। ଜିଲ୍ଲାପାଳ, ଆର୍‌ଡିସି ସ୍ତରୀୟ ତଦନ୍ତ ବେଳେ ଜମି ହଡ଼ପ ହୋଇଥିବା କଥା ସ୍ପଷ୍ଟ ହେଲା। ଭିଜିଲାନ୍‌ସ ମାମଲା ହାତକୁ ନେବା ସହ ଗତ ଅଗଷ୍ଟ ୨ ତାରିଖରେ କ୍ରାଇମ୍ ବ୍ରାଞ୍ଚ ଟିମ୍ ମଧ୍ୟ ତଦନ୍ତ ଆରମ୍ଭ କରିଥିଲେ। ସେହିପରି ଜମି ଫେରାଇ ଆଣିବା ପାଇଁ ବିଭିନ୍ନ ସଂଗଠନ, ବ୍ୟକ୍ତି ବିଶେଷ ବି ଚାଷୀମାନଙ୍କ ସହ ମିଶି ଲଢ଼େଇ କରୁଛନ୍ତି। କ୍ରାଇମ ବ୍ରାଞ୍ଚ ତଦନ୍ତ ବେଳେ ଜମି ହଡ଼ପ ମାମଲାରେ ସହଯୋଗ କରିଥିବା ସୁଶୀଲ ପ୍ରଧାନ ସହ କଂପାନି ଜମି ଦେଖାରେଖା କରୁଥିବା ଦେବେନ୍ଦ୍ର ତ୍ୟାଗୀ ଓ ଅଜୟ ଶର୍ମାଙ୍କୁ ଗିରଫ କରିଥିଲେ। ସେମାନଙ୍କ ବ୍ୟାଙ୍କ ଏକାଉଣ୍ଟ ମଧ୍ୟ ସିଲ୍ କରିଥିଲା କ୍ରାଇମ୍ ବ୍ରାଞ୍ଚ। ଏଥିସହିତ ଜମି ସେଲ୍ ଡିଡ୍ କରିବା ସମୟରେ ତତ୍କାଳୀନ ପାଟଣାଗଡ଼ ତହସିଲଦାର ଯାଜପୁର ବଡଚଣାରେ ରହୁଥିବା ତଥା ଅବସରପ୍ରାପ୍ତ ଗୋବିନ୍ଦ ଚନ୍ଦ୍ର ପୃଷ୍ଟି, ବଲାଙ୍ଗୀରରେ ଥିବା ତତ୍କାଳୀନ ରାଜସ୍ୱ ନିରୀକ୍ଷକ ବାସୁଦେବ ପଟେଲଙ୍କ ସହ କଳାହାଣ୍ଡି ଜିଲ୍ଲା ଭବାନୀପାଟଣାର ରେଜେଷ୍ଟ୍ରି କାର୍ଯ୍ୟାଳୟରେ କାର୍ଯ୍ୟରତ ତତ୍କାଳୀନ ରେଜେଷ୍ଟ୍ରି ଅଧିକାରୀ ବିକାଶ କୁଜୁରଙ୍କୁ ଗିରଫ କରିଥିଲା। ମାତ୍ର ଜମି ହଡପ ମାମଲାରେ ଥିବା ବଅର୍ଲା ସ୍କୁଲ୍‌ର ସଂସ୍କୃତ ଶିକ୍ଷକ ବିକ୍ରମ ଆଚାର୍ଯ୍ୟଙ୍କର ଖୋଜ୍‌ଖବର ଏଯାଏଁ ନାହିଁ।

**‘ସମ୍ବାଦ’ ସ୍ୱତନ୍ତ୍ର**

**ଚାଷୀକୁ ଚାବୁକ୍**

ଗତ ୯ ମାସ ହେଲା କ୍ରାଇମ୍ ବ୍ରାଞ୍ଚ୍‌ର ବି ଦେଖା ଦର୍ଶନ ନାହିଁ। ଗତ ୮ ବର୍ଷ ହେଲା ୭୦ ଚାଷୀ ମାଲିକାନା ଫେରିପାଇବାକୁ ଅପେକ୍ଷା କରିଛନ୍ତି। ରେଭିନ୍ୟୁ ବୋର୍ଡ ମଧ୍ୟ ଏହି ଜମି ହଡ଼ପ ମାମଲାରେ ଚାଷୀଙ୍କ ସପକ୍ଷରେ ରାୟ ଦେଇଛନ୍ତି। କିନ୍ତୁ, ଲିଜ୍ ନାଁରେ ମାଲିକାନା ହାତେଇଥିବା କଂପାନିମାନେ ରେଭିନ୍ୟୁ ବୋର୍ଡର ରାୟକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ଘୁମେର ଅଞ୍ଚଳରେ ଥିବା ଜମି ଦେଖାରେଖା କରୁଥିବା କଂପାନି କର୍ମଚାରୀମାନେ ନଥିବା ବେଳେ ସ୍ଥାନୀୟ ଚାଷୀମାନେ ନିଜ ନିଜ ଜମି ଦଖଲକୁ ନେଇ ଚାଷ କାମ କରିବାକୁ ଏବେ ସଜବାଜ ହେଉଛନ୍ତି। ହେଲେ ସେମାନଙ୍କର ବଡ଼ ଚିନ୍ତା ଜମି ମାଲିକାନା ତାଙ୍କ ନାଁରେ ହେବ ତ?

୫ ମେ ୨୦୧୩

# ଭିଟାମାଟିରୁ ବିତାଡ଼ିତ ଦଳିତ ପରିବାରଃ ଶେଷ ଆଶା ମାନବାଧିକାର କମିସନ

ଭୁବନେଶ୍ୱର, ୪।୫(ଇମିସ): ସବର୍ଣ୍ଣମାନଙ୍କ ମାମଲା ପରେ ମାମଲାରେ ଛନ୍ଦି ହୋଇ ବେହାଲ ହୋଇ ପଡ଼ିଲାଣି ଦଳିତ ପରିବାରଟି। ନିଜ ଜମିରେ ଘରଟିଏ କରାଇ ଦେଉ ନାହାନ୍ତି ସବର୍ଣ୍ଣମାନେ। ୨୦୦୮ ମସିହାରୁ ଚାଲିଛି ମାମଲା। ଥାନାରୁ ତହସିଲ, ପୁଣି ତହସିଲରୁ ସିଭିଲ୍ କୋର୍ଟ। ସବୁଠି ନ୍ୟାୟ ଯାଇଛି ଦଳିତ ପରିବାର ସପକ୍ଷରେ। ତଥାପି ଘରଟିଏ କରିବାକୁ ସକ୍ଷମ ହୋଇ ପାରିନାହାନ୍ତି ଦଳିତ ପରିବାର । ଶେଷରେ ଗାଁରୁ ଏକପ୍ରକାର ବିତାଡ଼ିତ ହୋଇ ସାରିଛି ଏହି ପରିବାର। ନିର୍ବାସିତ ପରିବାରଟି ଏବେ ନିଜ ଭିଟାମାଟି ପାଇବା ପାଇଁ ରାଜ୍ୟ ମାନବାଧିକାର କମିସନଙ୍କ ଦ୍ୱାରସ୍ଥ ହୋଇଛନ୍ତି।

କଟକ ଜିଲ୍ଲା ଟାଙ୍ଗୀ ଥାନା ରାମଗଡ଼ ଗାଁର ମଧୁସୂଦନ ବେହେରା। ଗାଁର ଏକମାତ୍ର ଦଳିତ ପରିବାର। ଖାତା-୧୬୦ ପ୍ଲଟ ନମ୍ବର-୧୩୪୨ରେ ଥିବା ତାଙ୍କ ନିଜ ପୈତୃକ ଘରଡ଼ିହରେ ଘରଟିଏ କରିବା ପାଇଁ ଗତ ୨୦୦୮ ମସିହାରୁ ଲାଗିଛନ୍ତି। ମାତ୍ର ବିଭିନ୍ନ ପ୍ରକାର ମିଥ୍ୟା ଆରୋପରେ ତାଙ୍କୁ ଛନ୍ଦି ଦେଉଛନ୍ତି ଗାଁର କିଛି ସବର୍ଣ୍ଣ ଲୋକ। କେତେବେଳେ ରାସ୍ତା ଅବରୋଧ ବାହାନାରେ ତ ଅନ୍ୟ କେତେବେଳେ ଜମି ଜବରଦଖଲ କରିବା ଆଳରେ ତାଙ୍କୁ ମାମଲାରେ ଛନ୍ଦି ଦିଆଯାଉଛି। ମଧୁସୂଦନଙ୍କ ଅଭିଯୋଗ ଅନୁସାରେ ତହସିଲ ଓ ଥାନା କର୍ତ୍ତୃପକ୍ଷ ବି ଗ୍ରାମବାସୀଙ୍କ ସହ ମିଶି ତାଙ୍କୁ ନାନା ବାଟରେ ହଇରାଣ ହରକତ କରୁଛନ୍ତି। ସରକାରୀ ଅମିନଙ୍କ ଦ୍ୱାରା ସରଜମିନ୍ ତଦନ୍ତ ଓ ତାଙ୍କ ଜମି ପ୍ଲଟ ଡିମାରକେସନ୍ ପରେ ବି ବାରମ୍ବାର ଉକ୍ତ ପ୍ଲଟରେ ୧୪୪ ଧାରା କରାଇ ତାଙ୍କୁ ଘର କରାଇ ଦିଆଯାଉ ନାହିଁ। ଏମିତିକି ଗତ ୨୦୧୧ ମସିହାରେ ମାନ୍ୟବର କଟକ ସିଭିଲ ଜଜ୍ କୋର୍ଟ ମଧୁସୂଦନଙ୍କ ସପକ୍ଷରେ ରାୟ ଦେଇଥିଲେ ବି ତାଙ୍କୁ ସବର୍ଣ୍ଣମାନେ ଘର କରାଇ ଦେଇନାହାନ୍ତି। ଏଥିରେ ଗ୍ରାମବାସୀଙ୍କ ସହ ଟାଙ୍ଗୀ ଥାନା ପୁଲିସ ଓ ଟାଙ୍ଗୀ ତହସିଲ କର୍ତ୍ତୃପକ୍ଷ ହାତ ମିଳାଇଛନ୍ତି ବୋଲି ମଧୁ ଅଭିଯୋଗ କରିଛନ୍ତି। ଏମିତିକି ଘର ଖଣ୍ଡିଏ କରିବା ପାଇଁ ଚେଷ୍ଟା କରି ସେ ଗାଁ ଲୋକଙ୍କଠାରୁ ମାଡ଼ଗାଳି ଖାଇଛନ୍ତି। ଏନେଇ ଥାନାରେ ଅଭିଯୋଗ କରି ବି କିଛି ସୁଫଳ ମିଳିନାହିଁ। ତେଣୁ ଏବେ ସେ ବେଘର।

ଗତ ମହାବାତ୍ୟା ପରଠାରୁ ଭାଙ୍ଗି ପଡ଼ିଥିବା ତାଙ୍କ ଘରଟି ନିର୍ମାଣ କରିବାକୁ ସେ ବହୁ ଚେଷ୍ଟା କରି ବି ବିଫଳ ହେଉଛନ୍ତି। ତେଣୁ ପାଞ୍ଚ ବର୍ଷ ହେଲା ପର ଗାଁରେ ପରଘରେ ଭଡ଼ାରେ ରହିଆସୁଛନ୍ତି ମଧୁ। ଗୋଟିଏ ପଟେ ଗ୍ରାମବାସୀଙ୍କ ସହ ତହସିଲ କର୍ତ୍ତୃପକ୍ଷ ଓ ପୁଲିସ, ଅନ୍ୟ ପଟେ ବିଚରା ଗରିବ ମଧୁ। ସବୁ ଆଶା ପ୍ରାୟତଃ ମଉଳି ଯାଇଥିବାବେଳେ ରାଜ୍ୟ ମାନବାଧିକାର କମିସନ ଓ ଜାତୀୟ ଅନୁସୂଚିତ ଜନଜାତି କମିସନ ତାଙ୍କ ଶେଷ ଭରସା ବୋଲି କହିଛନ୍ତି ମଧୁ।

# ଆଦିବାସୀ ଯୁବତୀଙ୍କୁ ଅପହରଣ ଉଦ୍ୟମ

## ମହିଳାଙ୍କ ସମେତ ୩ ରାଜସ୍ଥାନୀ ଗିରଫ

ପାଟଣା,୧୬।୫(ଇମିସ): ଟଙ୍କା ପ୍ରଲୋଭନ ଓ ବିବାହ ପ୍ରତିଶ୍ରୁତି ଦେବା ପରେ ମଧ୍ୟ ପରିବାର ଲୋକେ ରାଜି ହେଲେନି। ଯୋଜନା ଭଣ୍ଡୁର ହେବାରୁ ତିନିଜଣ ରାଜସ୍ଥାନୀ ଜଣେ ଆଦିବାସୀ ଯୁବତୀଙ୍କୁ ଅପହରଣ ଉଦ୍ୟମ କରି ଆଜି ଗିରଫ ହୋଇଛନ୍ତି। ଏହି ଘଟଣାରେ ସେମାନଙ୍କୁ ମଧ୍ୟସ୍ଥି ଭାବେ ସାହାଯ୍ୟ କରୁଥିବା ଜଣେ ମହିଳାଙ୍କୁ ମଧ୍ୟ ଗିରଫ କରାଯାଇଛି। ଅଭିଯୁକ୍ତ ଅଣଓଡ଼ିଆ ବ୍ୟକ୍ତିମାନେ ସଂପୃକ୍ତ ଝିଅକୁ ଗାଁ'ରୁ ଜୋର ଜବରଦସ୍ତ ଅପହରଣ କରି ନେଉଥିବା ବେଳେ ଗ୍ରାମବାସୀ ସେମାନଙ୍କୁ ଉତ୍ତମ ମଧ୍ୟମ ଦେଇ ପୁଲିସ ଜିମା ଦେଇଥିଲେ।

ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ପାଟଣା ଥାନା ଭାଲିଆଡିହା ଗ୍ରାମକୁ ଆଜି ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁରର ମଂଜୁଲତା ବେହେରାଙ୍କ ସହିତ ତିନିଜଣ ରାଜସ୍ଥାନୀ ରାଜେନ୍ଦ୍ର ପ୍ରସାଦ ଗୁପ୍ତା (୫୦), ପବନ କୁମାର ଗୁପ୍ତା (୨୧) ଓ ଧରମବୀର ସିଂହ (୨୨) ଆସିଥିଲେ। ଗ୍ରାମର ଜଣେ ଯୁବତୀଙ୍କୁ ବିବାହ କରିବା ନେଇ ସେମାନେ ପରିବାର ଲୋକଙ୍କ ସହିତ ମଧ୍ୟସ୍ଥିଙ୍କ ଜରିଆରେ କଥାବାର୍ତ୍ତା ହୋଇଥିଲେ। ପ୍ରସ୍ତାବରେ ରାଜି ହେଲେ ଅଧିକ ଟଙ୍କା ଦେବେ ଓ ଝିଅକୁ ରାଜସ୍ଥାନ ନେଇ ସେଠାରେ ବିବାହ କରିବେ ବୋଲି କହିଥିଲେ। ତେବେ ସେମାନଙ୍କ କଥାବାର୍ତ୍ତା ଓ ଆଚରଣରେ ପରିବାର ଲୋକେ ସନ୍ଦେହ କରି ଝିଅକୁ ବିବାହ ଦେବାକୁ ମନା କରିଥିଲେ। ମଧ୍ୟସ୍ଥିଙ୍କ ବୁଝାମଣା ଫେଲ୍ ମାରିବାରୁ ସମସ୍ତେ ମିଶି ଝିଅକୁ ସେଠାରୁ ଉଠାଇ ନେବାକୁ ଚେଷ୍ଟା କରିଥିଲେ। ପରିବାର ଲୋକେ ପାଟି କରିବାରୁ ଗ୍ରାମବାସୀ ଆସି ମଧ୍ୟସ୍ଥି ମହିଳାଙ୍କ ସହିତ ୩ ରାଜସ୍ଥାନୀଙ୍କୁ ଅଟକ ରଖିଥିଲେ। ଏହାକୁ ନେଇ ଗାଁ'ରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ୟକ୍ତ ଗ୍ରାମବାସୀ ଅଭିଯୁକ୍ତମାନଙ୍କୁ ନେଇ ସାହାରପଡ଼ା ଫାଣ୍ଡି ପୁଲିସ ଜିମା ଦେଇଥିଲେ। ପୁଲିସ ମହିଳାଙ୍କ ସହିତ ୩ ରାଜସ୍ଥାନୀଙ୍କୁ ଅପହରଣ ମାମଲାରେ ଗିରଫ କରିଥିବା ଜଣାପଡିଛି।

# ରାଜପଥ ଅବରୋଧ କଲେ ଆଦିବାସୀ



ବେଗୁନିଆ, ୧୬।୫ (ଇମିସ): ବେଗୁନିଆ ପୁଲିସ ଦ୍ୱାରା ଅଟକ ରଖାଯାଇଥିବା ଆଦିବାସୀ ଯୁବକ ହେମନ୍ତ ନାୟକଙ୍କ ସନ୍ଦେହଜନକ ମୃତ୍ୟୁକୁ ନେଇ ଏବେବି ଅଶାନ୍ତି ଲାଗି ରହିଛି। ହେମନ୍ତଙ୍କ ମୃତ୍ୟୁ ପାଇଁ ପୁଲିସକୁ ଦାୟୀ କରାଯାଉଥିବା ବେଳେ

## ହେମନ୍ତ ମୃତ୍ୟୁର ପ୍ରତିବାଦ

ତାଙ୍କ ପରିବାରକୁ ଏପର୍ଯ୍ୟନ୍ତ କ୍ଷତିପୂରଣ ମିଳିନାହିଁ। ଏହାର ପ୍ରତିବାଦରେ ଆଜି ନିଖିଳ ଓଡ଼ିଶା ଆଦିବାସୀ ମହାସଂଘ ଓ ସିପିଆଇ ପକ୍ଷରୁ ରାଜପଥ ଅବରୋଧ କରାଯାଇଥିଲା। ସିପିଆଇ ନେତା ବସନ୍ତ ପାଇକରାୟଙ୍କ ନେତୃତ୍ୱରେ ଆଜି ପ୍ରାୟ ୨ଶହରୁ ଅଧିକ ଆଦିବାସୀ ମହିଳା ଓ ପୁରୁଷ ବେଗୁନିଆ ପୋଷ୍ଟ ଅଫିସଠାରୁ ଏକ ର‌୍ୟାଲିରେ ବାହାରି ବ୍ଲକ ଉପକଣ୍ଠସ୍ଥ ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ଦୀର୍ଘ ୪ଘଣ୍ଟା କାଳ ଏହି ରାସ୍ତାରେ ଗାଡ଼ି ମଟର ଯିବା ଆସିବା ବନ୍ଦ ହୋଇଯାଇଥିଲା। ହେମନ୍ତ ମୃତ୍ୟୁର ଉଚ୍ଚସ୍ତରୀୟ ବିଚାରବିଭାଗୀୟ ତଦନ୍ତ, ସଂପୃକ୍ତ ପୁଲିସ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଓ ମୃତକଙ୍କ ପରିବାରକୁ ୧୦ଲକ୍ଷଟଙ୍କା କ୍ଷତିପୂରଣ ଦାବିରେ ଏହି ବିକ୍ଷୋଭ ଓ ଧାରଣା ଦିଆଯାଇଥିଲା। ଖୋର୍ଦ୍ଧା ଉପଜିଲ୍ଲାପାଳ ଅଶୋକ ଦାସ ଏବଂ ବେଗୁନିଆ ତହସିଲଦାର ଚିତ୍ତରଞ୍ଜନ ବାନ୍‌ଗୋଲା ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

### ମଣିଷ ସଫାରି ମାମଲା

# କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ



କଟକ,୧୬।୫(ଇମିସ): ଓଡ଼ିଶାର ଆଦିମ ଅଧିବାସୀ 'ବଣ୍ଡା'ଙ୍କୁ 'ମଣିଷ ସଫାରି' ଭାବେ ପ୍ରଦର୍ଶନ କରାଯାଉଥିବା ନେଇ ଜାତୀୟ ମାନବାଧିକାର କମିସନ୍(ଏନ୍‌ଏଚ୍‌ଆର୍‌ସି)ଙ୍କ ନିକଟରେ ରୁଜୁ ହୋଇଥିବା ମାମଲାର ବିଚାର ଶେଷ ହୋଇଛି। କମିସନ୍ ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ କରିବା ସହ ଏଭଳି ଘଟଣା ରୋକିବା ପାଇଁ ସରକାର ଜାରି କରିଥିବା ଗାଇଡ୍‌ଲାଇନ୍‌କୁ ପାଳନ କରୁନଥିବା ପ୍ରଶାସନିକ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ଓଡ଼ିଶାରେ ଥିବା ଆଦିବାସୀମାନଙ୍କର ସାମଗ୍ରିକ ବିକାଶ ପାଇଁ ସ୍ୱତନ୍ତ୍ର ଯୋଜନା ପ୍ରଣୟନ କରିବା ପାଇଁ ମଧ୍ୟ କମିସନ୍ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।
ମାମଲାର ଶୁଣାଣି ଅବସରରେ ରାଜ୍ୟ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ପ୍ରମୁଖ ସଚିବ କମିସନ୍‌ଙ୍କ ନିକଟରେ ସତ୍ୟପାଠ ଦାଖଲ କରିବା ସହ ଏ ସଂପର୍କରେ ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ। ସଚିବ ତାଙ୍କ ସତ୍ୟପାଠରେ ସ୍ୱୀକାର କରିଥିଲେ ଯେ, ମଣିଷ ସଫାରି ଭଳି ଲଜ୍ଜାଜନକ ଘଟଣା ରୋକିବା ପାଇଁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି କରାଯାଇଛି। ୧୯୮୭ରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ମର୍ମରେ ଗାଇଡ୍ ଲାଇନ୍ ଜାରି କରାଯିବା ସହ ବଣ୍ଡାଙ୍କ ଭଳି ଆଦିମ ଅଧିବାସୀମାନେ ରହୁଥିବା ଅଞ୍ଚଳରେ ବିଦେଶୀ ପର୍ଯ୍ୟଟକଙ୍କ ପ୍ରବେଶ ଉପରେ କଟକଣା ଜାରି କରାଯାଇଛି। ଏହି ଗାଇଡ୍ ଲାଇନକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ସମସ୍ତ ଜିଲ୍ଲାପାଳ ଓ ଏସ୍.ପିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କିନ୍ତୁ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଏହାକୁ ପାଳନ କରୁନାହାନ୍ତି। ସତ୍ୟପାଠରେ ଆହୁରି ମଧ୍ୟ ଦର୍ଶାଯାଇଥିଲା ଯେ, ସରକାରଙ୍କ ନିର୍ଦ୍ଦେଶର କାର୍ଯ୍ୟକାରୀତା ସଂପର୍କରେ ଅନୁଧ୍ୟାନ ପାଇଁ ୨୦୧୨ ଜାନୁଆରିରେ ତତ୍କାଳୀନ ପଞ୍ଚାୟତରାଜ ବିଭାଗ ଅତିରିକ୍ତ ସଚିବ ଉଷା ପାଢୀ ବିଭିନ୍ନ ଅଞ୍ଚଳ ଗସ୍ତ କରିବା ସହ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ଜିଲ୍ଲାସ୍ତରୀୟ ଅଧିକାରୀମାନେ କେବଳ ଅଫିସ ଅର୍ଡର ପ୍ରଦାନ କରିବା ବ୍ୟତୀତ ଗାଇଡ୍ ଲାଇନ୍ ଠିକଣା ଭାବେ ପାଳନ କରିବା ପାଇଁ ଆଉ କିଛି କରୁନଥିବା କଥା ରିପୋର୍ଟରେ ଦର୍ଶାଯାଇଥିଲା ବୋଲି ସଚିବ ତାଙ୍କ ସତ୍ୟପାଠରେ ପ୍ରକାଶ କରିଥିଲେ। ସରକାରଙ୍କ ଏପରି ସତ୍ୟପାଠ ପରେ କମିସନ୍ ମାମଲାର ଶୁଣାଣି ଶେଷ କରିବା ସହ ପୂର୍ବରୁ ଜାରି କରାଯାଇଥିବା ଗାଇଡ୍‌ଲାଇନ୍ କଡ଼ାକଡ଼ି ଭାବେ ପାଳନ କରିବା, ଏଥିରେ ଖିଲାପ କରୁଥିବା ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ କମିସନ୍ ନିର୍ଦ୍ଦେଶ ଦେଇଛନ୍ତି।
ଏଠାରେ ସୂଚନା ଥାଉ କି, କୋରାପୁଟ ଜିଲ୍ଲାର ଜୟପୁର ଆଖପାଖ ଅଞ୍ଚଳରେ ବସବାସ କରୁଥିବା ୬ହଜାରରୁ ଅଧିକ ବଣ୍ଡା ଜନଜାତିଙ୍କୁ ପର୍ଯ୍ୟଟନ ସମାଗ୍ରୀ ଭାବେ କିଛି ଟୁର୍ ଅପେରଟର୍ ପ୍ରଦର୍ଶନ କରିବା ସହ ବିଦେଶୀ ପର୍ଯ୍ୟଟକମାନଙ୍କୁ ଲୋଭନୀୟ ସ୍କିମ୍ ମାଧ୍ୟମରେ ଆକୃଷ୍ଟ କରୁଥିବା ସଂପର୍କରେ ଜଣାପଡିବା ପରେ ଦେଶ ବ୍ୟାପୀ ଚାଞ୍ଚଲ୍ୟ ସୃଷ୍ଟି ହୋଇଥିଲା। ଏହି ଟୁର୍ ଅପରେଟର୍‌ମାନେ ନିଜ ୱେବ୍‌ସାଇଟ୍‌ରେ ବଣ୍ଡାମାନଙ୍କୁ ମଣିଷ ସଫାରି ଭାବେ ପ୍ରଦର୍ଶିତ କରୁଥିବା ଅଭିଯୋଗ ହୋଇଥିଲା। ସରଳ ଆଦିବାସୀମାନଙ୍କ ପରମ୍ପରା ଓ ସଂସ୍କୃତିକୁ ବିକ୍ରି ସାମଗ୍ରୀ ଭାବେ ପ୍ରଦର୍ଶନ କରାଯିବା ସେମାନଙ୍କ ମାନବିକ ଅଧିକାରର ଉଲ୍ଲଂଘନ ବୋଲି ଅଭିଯୋଗ କରି ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଇଣ୍ଡିଆ ମିଡ଼ିଆ ସେଣ୍ଟର୍' ପକ୍ଷରୁ ଏହାର ଟ୍ରଷ୍ଟି ଶ୍ରୀଅଖଣ୍ଡ ୨୦୧୨ ଜାନୁଆରି ୨୭ ତାରିଖରେ ଏହି ପିଟିସନ୍ ଦାଏର କରିଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଡଭୋକେଟ୍ ନିଶିକାନ୍ତ ମିଶ୍ର ମାମଲା ପରିଚାଳନା କରୁଥିଲେ।

### ଡାହାଣୀ ସଂଦେହରେ ପୁରୁଷ, ମହିଳାଙ୍କୁ ଉଲଗ୍ନ ବୁଲାଇବା ମାମଲା

# ତଦନ୍ତ କଲେ ଜାତୀୟ ମହିଳା କମିସନ ପ୍ରତିନିଧି ଦଳ

ସବଡ଼େଗା,୩/୫(ଇମିସ): ଗତ ଫେବ୍ରୁଆରି ୧୧ ତାରିଖ ଦିନ ସୁନ୍ଦରଗଡ଼ ଜିଲ୍ଲା ସବଡ଼େଗା ବ୍ଲକ ଆମପଡ଼ା ଗାଁରେ ଡାହାଣୀ ସନ୍ଦେହକୁ ନେଇ ଗାଁ ଦାଣ୍ଡରେ ତିନି ଜଣ ମହିଳା ଏବଂ ଜଣେ ପୁରୁଷଙ୍କୁ ଉଲଗ୍ନ କରି ବୁଲାଇବା ଘଟଣା ସାରା ରାଜ୍ୟରେ

**ଅଭିଯୁକ୍ତମାନେ ନିଜ ଦୋଷ ସ୍ୱୀକାର କରିବା ସହ ଭବିଷ୍ୟତରେ ଆଉ ଏପରି ଭୁଲ୍ ହେବ ନାହିଁ କହି ପୀଡ଼ିତା ମାନଙ୍କ ପାଦ ଛୁଇଁ ଭୁଲ୍ ମାଗିଲେ।**

ଚାଞ୍ଚଲ୍ୟ ସୃଷ୍ଟି କରିଥିଲା। ଏହି ଘଟଣାର ତଦନ୍ତ ପାଇଁ ଆଜି ଜାତୀୟ ମହିଳା କମିସନ ସଦସ୍ୟା ଡ. ଚାରୁୱାଲିଆ ଖାନ୍ନା ଏବଂ ଉଷା କୁମାରୀ ସବଡ଼େଗା ବ୍ଲକ ଗସ୍ତରେ ଆସିଛନ୍ତି। ଏହି ଦୁଇଜଣିଆ ପ୍ରତିନିଧି ଦଳ ରାଜ୍ୟ ମହିଳା କମିସନ ସଦସ୍ୟା ତଥା ଅନ୍ୟ ସରକାରୀ ପଦାଧିକାରୀଙ୍କ ସହ ଆମପଡ଼ା ଯାଇ ପୀଡ଼ିତା ବାଲାମଦିନା ସୋରେନ, ଫିଲୋମିନା ଡୁଙ୍ଗଡୁଙ୍ଗ, ଖ୍ରୀଷ୍ଟିନା ଡୁଙ୍ଗଡୁଙ୍ଗ ଏବଂ ପାତ୍ରାସ୍ ଡୁଙ୍ଗଡୁଙ୍ଗଙ୍କୁ ଭେଟି ଘଟଣା ସଂପର୍କରେ ପଚାରି ବୁଝିଥିଲେ। ପୀଡ଼ିତା ମାନଙ୍କ ବୟାନ ସଂଗ୍ରହ କରିବା ପରେ ଅଭିଯୁକ୍ତ ଗୁଣିଆ ପ୍ରଫୁଲ୍ଲ ବାର୍ଲା, କିରାଲଗା ସରପଞ୍ଚ ଖ୍ରୀଷ୍ଟିନା କେର୍କେଟା, ଅନିଲ ବା, ସଂଜୀବ ସୋରେନଙ୍କୁ ଘଟଣା ସଂପର୍କରେ ପଚାରିଥିଲେ। ଏଥିରେ ଅଭିଯୁକ୍ତ ମାନେ ନିଜ ଦୋଷ ସ୍ୱୀକାର କରିବା ସହ ଭବିଷ୍ୟତରେ ଆଉ ଏପରି ଭୁଲ୍ ହେବ ନାହିଁ କହି ପୀଡ଼ିତା ମାନଙ୍କ ପାଦ ଛୁଇଁ ଭୁଲ୍ ମାଗିଥିଲେ। ଦିଲ୍ଲୀରୁ ଆସିଥିବା ଜାତୀୟ ମହିଳା



କମିସନର ଏହି ସଦସ୍ୟାଙ୍କ ସହିତ ରାଜ୍ୟ ମହିଳା କମିସନ ସଦସ୍ୟା ମାନସୀ ପ୍ରଧାନ, ସୁନ୍ଦରଗଡ଼ ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର ମିଶ୍ର, ଏସଡିପିଓ ସୁରେଶ ମିଶ୍ର ପ୍ରମୁଖ ସାମିଲ ଥିଲେ। ପରେ ତଳସରା ଥାନାକୁ ଯାଇ ରୁଜୁ ହୋଇଥିବା ମାମଲା ସଂପର୍କରେ ପଚରାଉଚୁରା କରିଥିଲେ। ଆସନ୍ତା ୧୦ ଦିନ ମଧ୍ୟରେ ଏହି ଘଟଣାର ତଦନ୍ତ ରିପୋର୍ଟ ପ୍ରସ୍ତୁତ କରି ଜାତୀୟ ମହିଳା କମିସନଙ୍କ ନିକଟରେ ଦାଖଲ କରାଯିବ ବୋଲି ସଦସ୍ୟା ଶ୍ରୀମତୀ ଖାନ୍ନା ସୂଚନା ଦେଇଛନ୍ତି।

ପ୍ରକାଶଯୋଗ୍ୟ ଯେ କିରାଲଗା ମାଳପଡ଼ା ଗାଁର ପ୍ରଫୁଲ୍ଲ ବାର୍ଲା ସ୍ଥାନୀୟ ଅଂଚଳରେ ଧର୍ମ ପ୍ରଚାରକ ଭାବେ କାମ କରୁଥିଲା। ଗାଁର ପାତ୍ରାସ ଡୁଙ୍ଗଡୁଙ୍ଗ(୫୫)), ତାଙ୍କ ପତ୍ନୀ ଖ୍ରୀଷ୍ଟିନା ଡୁଙ୍ଗଡୁଙ୍ଗ(୫୦), ଭାଇବୋହୂ ଫିଲୋମିନା ଡୁଙ୍ଗଡୁଙ୍ଗ(୫୦) ଏବଂ ବାଲମଦିନା ସୋରେନ ଡାହାଣୀ ହୋଇ ଲୋକଙ୍କ ମୁଣ୍ଡ ଖାଉଛନ୍ତି ବୋଲି ପ୍ରଫୁଲ୍ଲ ଗାଁଲୋକଙ୍କୁ କହୁଥିଲେ। ତା କଥାକୁ ଗାଁଲୋକେ ବିଶ୍ୱାସ କରି ପାତ୍ରାସ୍ ଡୁଙ୍ଗଡୁଙ୍ଗ, ଖ୍ରୀଷ୍ଟିନା ଡୁଙ୍ଗଡୁଙ୍ଗ, ଭାଇବୋହୂ ଫିଲୋମିନା ଡୁଙ୍ଗଡୁଙ୍ଗ ଏବଂ ବାଲମଦିନା ସୋରେନଙ୍କୁ ଉଲଗ୍ନ କରି ବାଜା ବଜାଇ ଏକ ଶୋଭାଯାତ୍ରାରେ କିରାଲଗା ଗାଁ ପରିକ୍ରମା କରାଇଥିଲେ। ଆଗେ ଆଗେ ଉଲଗ୍ନ ଅବସ୍ଥାରେ ଜଣେ ପୁରୁଷ ଏବଂ ତିନି ଜଣ ମହିଳା ଚାଲୁଥିବା ବେଳେ ପଛରେ ଶହ ଶହ ଲୋକେ ବାଜା ବଜାଇ ବସ୍ତି ପରିକ୍ରମା କରୁଥିଲେ। ଘଟଣା ସଂପର୍କରେ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ତଳସରା ପୁଲିସ ଏ ସଂକ୍ରାନ୍ତରେ ୩୪୧, ୩୨୩, ୨୯୪, ୫୦୬,୩୫୪, ୩୫୫ ଏବଂ ୩୪ ଧାରାରେ ଏକ ମାମଲା ରୁଜୁ କରି ଅନିଲ ବା(୩୦), ସଂଜୀବ ସୋରେନ(୧୯) ଏବଂ ପ୍ରଫୁଲ୍ଲ ବାର୍ଲା(୨୩)କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ପରେ ପୁଲିସ ଏହି ଘଟଣା ପାଇଁ ପ୍ରୋତ୍ସାହିତ କରିବା ଅଭିଯୋଗରେ କିରାଲଗା ସରପଞ୍ଚ ଖ୍ରୀଷ୍ଟିନା କେର୍କେଟାଙ୍କୁ ମଧ୍ୟ ଗିରଫ କରିଥିଲା। ତେବେ କିଛି ଦିନ ପରେ ସମସ୍ତେ ଅଦାଲତରୁ ଜାମିନରେ ଖଲାସ ହୋଇଥିଲେ।

# ଗୋତି ପ୍ରଥାରୁ ୧୭ ବାରିକ ମୁକ୍ତ

ପୁରୀ,୧୪/୫(ଇମିସ): ପୁରୀ ଜିଲ୍ଲାର ଗ୍ରାମାଞ୍ଚଳରେ ବର୍ତିନୀ ସେବକ ଭାବେ ବର୍ଷ ତମାମ କିଛି ପୂର୍ବ ନିର୍ଧାରିତ ପାରିଶ୍ରମିକରେ ଗୋତି ଖଟୁଥିବା ୧୭ ଜଣ ବାରିକଙ୍କୁ ଆଜି ଗୋତିମୁକ୍ତ କରାଯାଇଛି । ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ବାରିକମାନଙ୍କୁ ପୁରୀ ଉପଜିଲ୍ଲାପାଳ ଡ. ଉଦ୍ଧବ ମାଝି ଆଜି ଗୋତି ମୁକ୍ତି ପ୍ରମାଣପତ୍ର ମଧ୍ୟ ପ୍ରଦାନ କରିଛନ୍ତି । ଜାତୀୟ ମାନବାଧିକାର କମିସନଙ୍କ ନିର୍ଦ୍ଦେଶ କ୍ରମେ ଏହି ବାରିକଙ୍କୁ ଜିଲ୍ଲା ପ୍ରଶାସନ ଯୁଗ ଯୁଗ ଧରି ପୁରୁଷାନୁକ୍ରମେ ଗ୍ରାମାଞ୍ଚଳରେ ବର୍ତିନୀ ବାରିକ ଗୋତିସେବାକୁ ମୁକ୍ତ କରି ଦେଇଛନ୍ତି।

ସଂପ୍ରତି ପୁରୀ ଜିଲ୍ଲା ସମେତ ଆଖପାଖର ୪ ଗୋଟି ଜିଲ୍ଲାରେ ଏହି ବର୍ତିନୀ ବାରିକ ସେବା ପ୍ରଚଳନ ଅଛି । ଏହି ସେବାକୁ ଜାତୀୟ ମାନବାଧିକାର କମିସନ ଗୋତି ଶ୍ରମିକ ରୂପେ ଚିହ୍ନଟ କରିଛନ୍ତି । ପ୍ରାୟ ଦେଢ ହଜାର ବାରିକ ପୁରୀ ଜିଲ୍ଲାରେ ଏହି ଗୋତି ପ୍ରଥାରେ ପୁରୁଷାନୁକ୍ରମେ ବର୍ତିନୀ ବାରିକ ସେବା କରୁଛନ୍ତି । ବ୍ରତ, ବାହାଘର ଭୋଜିରେ ଅଇଁଠା ପତ୍ର ଉଠାଇବା ଠାରୁ ଆରମ୍ଭ କରି ବାହାଘରେ ବର ପକ୍ଷର ମୁରବିମାନଙ୍କ ଗୋଡ଼ ଧୁଆ ପର୍ଯ୍ୟନ୍ତ ସେବା ଏହି ବାରିକମାନେ କରୁଛନ୍ତି । ଏଥିପାଇଁ ପ୍ରତିବର୍ଷ ଏହି ବାରିକଙ୍କୁ କିଛି ଧାନ କିମ୍ବା ଚାଉଳ ମିଳିଥାଏ । ସେହିଭଳି ଗାଁ ବାରିକଙ୍କୁ କିଛି ଜମି ଭୋଗ ଦଖଲ କରିବାକୁ ଗାଁ କମିଟି କରି ଅନୁମତି ଦେଇଥାଏ ।

ଏହା ବିରୋଧରେ ଓଡ଼ିଶା ଗୋତିମୁକ୍ତି ଆନ୍ଦୋଳନ ପକ୍ଷରୁ ମାନବାଧିକାର କର୍ମୀ ବାଘାମ୍ବର ପଟ୍ଟନାୟକଙ୍କ ନେତୃତ୍ୱରେ ଜାତୀୟ ମାନବାଧିକାର କମିସନଙ୍କ ଅଦାଲତରେ ଅଭିଯୋଗ ହୋଇଥିଲା। ମାନବାଧିକାର କମିସନରଙ୍କ ଆଦେଶକୁ କାର୍ଯ୍ୟକାରୀ କରିବାରେ ଅବହେଳା କାରଣରୁ ଗୋତି ମୁକ୍ତି ଆନ୍ଦୋଳନର ମାନବାଧିକାର କର୍ମୀ ବାଘାମ୍ବର ପଟ୍ଟନାୟକ ଏବଂ ଆନ୍ଦୋଳନର ସଭାପତି କୃଷ୍ଣକୁମାର ଦାସ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ । ଏହି ମାମଲାର ବିଚାର କରି ହାଇକୋର୍ଟ ରାୟ ପାଇବାର ୧୨ ସପ୍ତାହ ମଧ୍ୟରେ ଏହି ଗୋତି ଶ୍ରମିକଙ୍କ ପକ୍ଷ ଶୁଣାଣି କରି ଗୋତିମୁକ୍ତି ପ୍ରମାଣପତ୍ର ଦେବାକୁ ଆଦେଶ ଦେଇଥିଲେ । ଏହି ଆଦେଶ ପାଇବା ପରେ ମୁଖ୍ୟ ଶାସନ ସଚିବଙ୍କ ଆଦେଶ କ୍ରମେ ଜିଲ୍ଲାସ୍ତରରେ ବାରିକଙ୍କ ପକ୍ଷକୁ ପର୍ଯ୍ୟାୟ କ୍ରମେ ଶୁଣାଣି କରାଯାଉଛି । ପ୍ରଥମ ଦଫାରେ ଆଜି ୧୭ ଜଣ ବାରିକଙ୍କୁ ଗୋତି ମୁକ୍ତି ପ୍ରମାଣପତ୍ର ଦିଆଯାଇଛି । ଦୀର୍ଘ ୧୧ ବର୍ଷ ଧରି ଏହି ସେବାକୁ ରାଜ୍ୟ ସରକାର ଗୋତି ପ୍ରଥା ରୂପେ ମାନୁ ନ ଥିଲେ । ଶେଷରେ ଜାତୀୟ ମାନବାଧିକାର କମିସନ ଓଡ଼ିଶା ଗସ୍ତ କରି ବାରିକମାନଙ୍କ ଅଭିଯୋଗକୁ ନିଜେ ଶୁଣିବା ପରେ ଏମାନଙ୍କୁ ଗୋତି ଶ୍ରମିକ ରୂପେ ଚିହ୍ନଟ କରି ଗୋତି ମୁକ୍ତି କରିବାକୁ ଆଦେଶ ଦେଇଥିଲେ । ଏହା ପରେ ଜିଲ୍ଲାର ସମସ୍ତ ବର୍ତିନୀ ବାରିକମାନଙ୍କ ପକ୍ଷକୁ ଜିଲ୍ଲା ପ୍ରଶାସନ ଶୁଣାଣି କରୁଛି । ଏବେ ଶୁଣାଣି ଶେଷ ହୋଇଥିବା ବ୍ରହ୍ମଗିରି ବ୍ଲକର ୧୭ ଜଣ ବାରିକଙ୍କୁ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ଉପଜିଲ୍ଲାପାଳ ଗୋତି ଶ୍ରମିକ ମୁକ୍ତି ପ୍ରମାଣପତ୍ର ଦେଇ ଗୋତି ମୁକ୍ତ ଘୋଷଣା କରିଛନ୍ତି ।

All the News are collected From Odia Daily Sambad

***Compiled by – Ranjit Sutar, CSNR, VIM-489, Sailashree Vihar, Bhubaneswar -21, Odisha, Email: csnrorissa@gmail.com, Ph: 0674-2741557.***